ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି କି ମୟୂରଭଞ୍ଜ ଷ୍ଟେଟର ସଦର ସବଡିଭିଜନ ଏଲାକାର ନିମ୍ନଲିଖିତ ଅବକାରୀ ଦୋକାନ ଓ ବାଟେ ଜମାଇ ସମୋଦ ଅପରି ସନ ୧୯୦୬।୭ ସାଲ ସକାଶେ ଆଗତ ମାର୍ଚ୍ଚ ମାସ ତା ୧୦ ରଖଠାରୁ ତା ୧୬ ରଖ ପର୍ଯ୍ୟନ୍ତ ଦେଓ୍ୱାନ ବାବୁଙ୍କ ଏଜଲାସରେ ବାରିପଦା ସଦର ମୁକାମରେ ନିଲାମ ହେବ । ଯେଉଁମାନେ ଉଚ୍ଚ ଡାକରେ ନିଲାମ ଡାକିବାକୁ ଇଚ୍ଛା କରନ୍ତି ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତା ପ୍ରାପ୍ତ କର୍ମଚାରୀମାନଙ୍କଦ୍ୱାରା ଉପସ୍ଥିତ ହୋଇ ନିଲାମ ଡାକିପାରିବେ ।

| | | |
|---|---|---|
| ୧ | ଦେଶୀୟ ମଦ୍ୟ ଦୋକାନ | ୧୦।୩।୦୬ |
| ୨ | ଅଫିମ ଦୋକାନ | ୧୧।୩।୦୬ |
| ୩ | ଗଞ୍ଜା ଦୋକାନ | ୧୨।୩।୦୬ |
| ୪ | ପଚୁଇ ଦୋକାନ | ୧୨।୩।୦୬ |
| ୫ | ହାଣ୍ଡିଆ ଦୋକାନ | ୧୩।୩।୦୬ |
| ୬ | ତାଡ଼ି ଦୋକାନ | ୧୩।୩।୦୬ |
| ୭ | ହାଟ | ୧୪।୩।୦୬ |
| ୮ | ନଦୀଘାଟ | ୧୫।୩।୦୬ |
| ୯ | ଭା ଘାଟ | ୧୬।୩।୦୬ |

ବାରିପଦା
୨୨।୨।୦୬ } G. C. Mahapatra.
ଷ୍ଟେଟ କଲେକ୍ଟର
ମୟୂରଭଞ୍ଜ ।

## ପୁସ୍ତକ ।

ଅତି ସୁଲଭ ! ଅତି ସୁଲଭ !

ଶ୍ରୀମଦ୍ଭାଗବତ "ଏକାଦଶସ୍କନ୍ଧ" ସଟୀକ, କବି ଜଗନ୍ନାଥ ଦାସଙ୍କ କୃତ ଶ୍ଳୋକେ ମୂଳ ସହିତ ଗଦ୍ୟ ମୁଦ୍ରିତ ହୋଇ କଟକ ଟ୍ରେଣିଂସ୍କୁଲଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପ୍ରତି ଖଣ୍ଡକୁ ୫ଂ । ଗ୍ରାହକଅଣି ଲେଖିବେ । ଡାକ ମାସୁଲ ଗଡ଼ିକାତ ପୃଥକ । ।

## ଉତ୍କଳଦୀପିକା ।

ଏ ଜିଲ୍ଲାର ଜୋବଣ୍ଡା ପରଗଣା ବାଡ଼ାଲପଡ଼ା ମୌଜାର ବାଡ଼ାଲପଡ଼ା ଘୋଷଣା ହୁଏଥିବାର ଓ ଉକ୍ତ ଜମିର ଜଳ ବୋଇଲେ ଖରଚରେ ଏହ ଏବର ୩ ବୁଡ଼ି ୫୮ ଗୋଲ ଜମି ଖରଚ ହେବାର ଦରକାର ହେବାରୁ ମାନ୍ୟବର କଲେକ୍ଟରଙ୍କ ଆଦେଶ ମତେ ତହିଁର ବିଜ୍ଞାପନ କଲିକତା ଗେଜେଟରେ ବାହାରିଅଛି ।

ବର୍ତ୍ତମାନ ଏ ଜିଲ୍ଲାରେ ଜ ୩ ଣ ମୁନସଫ ଓ ଜ ୨ ଣ ସବଜଜ ଉକିଲସ କରୁଥିବାରୁ ଅନେକ ମୋକଦ୍ଦମା ନିଷ୍ପତ୍ତି ହୋଇ ଯାଉଅଛି ; ପରବର୍ଷ ଦାଖଲ ହୋଇଥିବା ଅପିଲମାନଙ୍କ ମଧ୍ୟରୁ ଅଧିକାଂଶ ନିଷ୍ପତ୍ତି ହୋଇଯାଇଅଛି ଏବଂ ଜଜ ଓ ଛୋଟ ଅଦାଲତ ମୋକଦ୍ଦମାମାନ ଶୀଘ୍ର ନିଷ୍ପତ୍ତି ହୋଇଯିବାରୁ ଲୋକଙ୍କର ଧନରକ୍ଷା ଭଲ ପଡୁଅଛି ।

ଗତ ସୋମବାର କଟକ କଲେକ୍ଟରୀ ଅଫିସରେ ଗଞ୍ଜାମ ଜିଲ୍ଲା ସକାଶେ ମାହାଲ ଜମି ଓ ଆଠ ଅଣା ବାକି ଜମିଲେ ରଖତାରୁ ନିଲାମ ହେଉଥିଲା । ଏହ ଦିବସରେ ଉକ୍ତ ପ୍ରକାର ନିଲାମ ଉକ୍ତ ହାକିମମାନଙ୍କ ନିକଟରେ ହେବା ଖରଚପାର ଓ ବାକିଦାରମାନଙ୍କ ପକ୍ଷରେ ଅସୁବିଧାଜନକ କି ନୁହେଁ ? ବିସ୍ତାରିତ ବିବରଣୀ ଏ ପତ୍ରେ ପ୍ରକାଶ କରନ୍ତୁ ।

ଗତ ତା ୧୮ ରଖରେ ଶେଷ ହେବା ସପ୍ତାହରେ ଯୁକ୍ତପ୍ରଦେଶରେ ୧,୪୩,୦୦୦, ପଞ୍ଜାବରେ ୩,୨୭୯, ରାଜପୁତାନାରେ ୯୮,୧୪୧ ମଧ୍ୟ ଭାରତରେ ୫୦,୨୫୦, ବମ୍ବେରେ ୨୩,୬୩୫ ଏବଂ ହାଇଦରାବାଦରେ ୨୦୫୯ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ । ବରୋଦାର ଅଙ୍କ ଜଣାଯାଇ ନାହିଁ । ଏ ସମସ୍ତ ସ୍ଥାନରେ ଦୁର୍ଭିକ୍ଷ ପୀଡ଼ିତଙ୍କ ସଂଖ୍ୟା ଗତ ସପ୍ତାହରୁ ବୃଦ୍ଧି ହୋଇଅଛି ।

ବଙ୍ଗର ଲେଫ୍ଟନାଣ୍ଟ ଗବର୍ଣ୍ଣର ମାନ୍ୟବର ସର ଆଣ୍ଡ୍ରୁ ଫ୍ରେଜର ବାହାଦୁର ସ୍ୱାସ୍ଥ୍ୟଲାଭ ନିମନ୍ତେ ମା ୬ ସ ଛୁଟୀ ନେଇ ବିଲାତ ଯିବାର ସ୍ଥିର କରିଅଛନ୍ତି । ଆଗାମୀ ଅପ୍ରେଲମାସ ତା ୧୧ ରଖରେ କଲିକତାରୁ ଯାତ୍ରା କରିବେ । ରେଭିନ୍ୟୁବୋର୍ଡର ମେମ୍ବର ମାନ୍ୟବର ହେୟର ସାହେବ ଏତ୍ତିନି ଲେଫ୍ଟନାଣ୍ଟ ଗବର୍ଣ୍ଣର ହେବେ ଏବ ଆସଷ୍ଟ ମାର୍ଚ୍ଚନ୍ଟ ସାହେବ ବୋର୍ଡର ଏତ୍ତିନି ନିଯୁକ୍ତ ହେବେ ।

Digitized by srujanika@gmail.com

ସବାମାନ୍ୟ ବଡ଼ଲାଟ ଲୋଡ଼ସ କର୍ଜନ ଭାରତବର୍ଷରେ ଥାଉଥିବେ (କାଶୀଧାମ)ର ହିନ୍ଦୁ, ମହଲ ସମ୍ପତ୍ତିକୁ ଦାନସୂତ୍ର ନେବାଦେବା କାରଣ ବନାରସର କଲେକ୍ଟର ସାହେବଙ୍କ ହାତରେ ୫୧୦୦୦ଟଙ୍କା ଧରି ଦେଇଅଛନ୍ତି। ସ୍ୱରଗତ ମହୋଦୟ ଅନୁଷ୍ଠାନରେ ଦେଶ ଏବଂ କାଳରେ ନୂତନ ମତ ଧର୍ମଶିକ୍ଷା ପ୍ରଭୃତି ଯେତେ ଗୁଣ ରହିଥିଲେ ବନାରସରେ ହିନ୍ଦୁ ପ୍ରଭୃତି ତାହା ତର ସମ୍ପତ୍ତିର ତର ହସ୍ତରେ ଦୃଢ଼ ଖୁବ ଲାଭ କରୁଅଛନ୍ତି।

ଗତ ମାସ ତା ୧୭ ଦିନରେ ଶେଷ ହେବ ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୬୩୬୨ ମୃତ୍ୟୁ ଘଟିଥିଲା। ତହିଁ ପୂର୍ବ ସପ୍ତାହର ଅଙ୍କ ୬୮୯୦ ଥିଲା। ସେହି ୬୩୬୨ ମଧ୍ୟରୁ ବମ୍ବେରେ ୯୩୦, ବଙ୍ଗରେ ୨୫୦, ଯୁକ୍ତପ୍ରଦେଶରେ ୧୧୩୪, ପଞ୍ଜାବରେ ୮୫୫ ଏବଂ ମଧ୍ୟପ୍ରଦେଶରେ ୮୨୨ ମୃତ୍ୟୁ ହୋଇଥିଲା। ଅନ୍ୟାନ୍ୟ ପ୍ରଦେଶର ଅଙ୍କ ସାମାନ୍ୟ ହେଲୁ ଛାଡ଼ିଦେଲୁଁ। ଏ ସମସ୍ତ ପ୍ରଦେଶରେ ପୂର୍ବ ସପ୍ତାହଠାରୁ ମୃତ୍ୟୁ କମିଅଛି ଏବଂ ବଙ୍ଗଳ ମୃତ୍ୟୁ ସଂଖ୍ୟା ଅପେକ୍ଷା ଅଧିକ।

କଲିକତା ବୃଦ୍ଧବାଣୀ ଅର୍ଦ୍ଧେଲିଷ ପ୍ରିନ୍‌ସିପାଲ ଶ୍ରୀଯୁକ୍ତ ଜ, ଚ, ଡା, ବଲ ସାହେବ ପୀଡ଼ା ହେତୁ ମାସ ୫ ର ଛୁଟି ନେଇ ଗଲେ ଯିବାକୁ ସେହି କୁଲର ସହକାରୀ ପ୍ରିନ୍‌ସିପାଲ ଶ୍ରୀଯୁକ୍ତ ଅବନୀନ୍ଦ୍ରନାଥ ଠାକୁର ଏହି 'ପ୍ରିନ୍‌ସିପାଲ' ନିଯୁକ୍ତ ହୋଇଅଛନ୍ତି। ଏଥିପୂର୍ବେ କେହି ବଙ୍ଗାଳୀ ଏହି ଉଚ୍ଚପଦ ପାଇ ନ ଥିଲେ। ଶ୍ରୀଯୁକ୍ତ ହାଭେଲ ସାହେବଙ୍କର ଅନୁରୋଧରେ ଗଭର୍ଣ୍ଣମେଣ୍ଟ ତାହାଙ୍କୁ ଏହି ନିଯୋଗ କରିଅଛନ୍ତି ଏବଂ ସେହି ହେତୁ ଉଭୟଙ୍କୁ ଅମ୍ଭେମାନେ ଅନ୍ତରର ଧନ୍ୟବାଦ ପ୍ରଦାନ କରୁଅଛୁଁ।

କଲିକତା ସ୍କୁଲର ଅଗ୍ରଣୀ ପ୍ରଚାରକ ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ଲକ୍ଷ ଭଟ୍ଟାଚାର୍ଯ୍ୟ ଏଥିପୂର୍ବେ ଦୁଇଥର ଏ ଜଲୋକକୁ ଆଗମନ କରି ବର୍ତ୍ତମାନ ପ୍ରସଙ୍ଗରେ ବକ୍ତୃତା ଏବଂ ସଂକୀର୍ତ୍ତନଦ୍ୱାରା ଅନେକ ଶିକ୍ଷା ଓ ଆନନ୍ଦ ପ୍ରଦାନ କରିଥିଲେ। ବର୍ତ୍ତମାନ ସେ ଉତ୍ସବ ହେଲା ଏ ନଗରକୁ ପୁନର୍ବାର ଆଗମନ କରି ଗତ ରବିବାରଠାରୁ ପ୍ରତିଦିନ ସନ୍ଧ୍ୟା ସମୟରୁ ରାତ୍ରି ୭ ରୁ ୧୦।୧୧ ଘଣ୍ଟା ପର୍ଯ୍ୟନ୍ତ ବକ୍ତୃତା ପ୍ରଦାନ ଓ ସଂକୀର୍ତ୍ତନ କରୁଅଛନ୍ତି ଏବଂ ଅନେକ ଶ୍ରୋତା ଏହା ଆଗ୍ରହରେ ଶୁଣୁଅଛନ୍ତି। ମାଣ ଶ୍ରୋତାର ଦଳ ପୂର୍ବଠାରୁ ବହୁତ ଭଲ ଦେଖା ଯାଉଅଛି। ବକ୍ତୃତା ଅର୍ଥ ମହାଶୟ ଅତ୍ୟ ନୈଷ୍ଠ ଭ୍ରମଣ ଓ ସମୟରେ ଉପଦେଶ ଦେଇ କାର୍ଯ୍ୟ ଶେଷ କରିବେ।

ବାମଣ୍ଡଳୀର ସରକାରୀ ଅଫିସର ବାବୁ ଗାରଶୀ ପ୍ରସାଦ ବୋଷ୍ଟୀ ଗୁରୁରଙ୍ଗଙ୍କର ମହାଗଡ଼ା ଜିଲ୍ଲାରେ କତ୍ତମାନ ଦେଖି ରିପୋର୍ଟ କରିବା କାରଣ ବନାରସ ଓ କଟକରୁ ପଠାଇଥିଲେ। ବାବୁ ମହାଶୟଙ୍କର ରିପୋର୍ଟ 'ସମୋଦର୍ଶୀ'ରେ ପ୍ରକାଶିତ ହୋଇଅଛି। ସେ ବଗା-ରସରେ ୭ ପ୍ରକାର ଏବଂ କଟକରେ ୭ ପ୍ରକାର କତ୍ତ ପରୀକ୍ଷା କରି ସେ ସମସ୍ତର ନାମ ଓ ବୃତ୍ତାନ୍ତର ବର୍ଣ୍ଣନା ଲେଖିଅଛନ୍ତି। ତାହାଙ୍କର ଶେଷ ଟିକ୍‌ଣି ଏହି କି ବନାରସରେ ପ୍ରଚଳିତ ହୋଇଥିବା ବରଗଡ଼ାର କତ୍ତ ଜନ୍ତୁ ସର୍ବା-ପେକ୍ଷା ଉତ୍କୃଷ୍ଟ ଅଟେ ଏବଂ ସମ୍ବଲପୁରରେ ସେହି କତ୍ତ ଚଳାଇବା କାରଣ ମହାରାଜାଙ୍କୁ ଅନୁରୋଧ କରିଅଛନ୍ତି। ସେ କତ୍ତର ମୂଲ୍ୟ ୯୦ ଟଙ୍କା ଏବଂ ବରୋଦା ରାଜ୍ୟର କୃଷି ଓ ଶିଳ୍ପବିଭାଗର ଡିରେକ୍ଟର (Director of Agriculture and Industry Boroda) ତାହା ବିକ୍ରୟ କରୁଅଛନ୍ତି।

ପୁରୀଜିଲ୍ଲା ପିପିଲିଠାରେ ଗୋଟିଏ ମିଡଲ ସ୍କୁଲ ଥିଲା। ତାହା ସ୍ଥାନୀୟର ଲୋକେ ଲୋକଲ ବୋର୍ଡ଼ଙ୍କ ସାହାଯ୍ୟରେ ଗୋଟିଏ ମିଡଲ ଇଂଲିଶ ସ୍କୁଲ ସ୍ଥାପିତ ହୋଇଥିଲା। ଉପସ୍ଥିତ ସେଇ ତାହା ମଧ୍ୟଇଂରାଜୀ ସ୍କୁଲରେ ପରିଣତ ହୋଇଅଛି ଏବଂ ଜିଲ୍ଲା ବୋର୍ଡ଼ ମାସିକ ୧୨୦ ଟଙ୍କା ସାହାଯ୍ୟ ଦେଉଅଛନ୍ତି। ଏଥିରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଶିକ୍ଷକମାନଙ୍କର ତ୍ରୁଟିରୁ ସ୍କୁଲର ଫଳ ଭଲ ହେଉ ନାହିଁ। ସେମାନଙ୍କ ସଙ୍ଗ ଦୁଇଜଣ ଅନ୍ତରରେ ଥିବାରୁ ଇନସ୍ପେକ୍ଟରମାନେ ଉପସ୍ଥିତ ହୁଅନ୍ତି ନାହିଁ ଏବଂ ସ୍ଥାନୀୟ ସବଡେପୁଟି ଇନ୍‌ସପେକ୍ଟରଙ୍କର ଅନେକ କାର୍ଯ୍ୟ ଥିବାରୁ ସ୍କୁଲର ତତ୍ତ୍ୱାବଧାନ କରନ୍ତେ ସମୟର ଅଭାବ। ଏହି ହେତୁରେ ପତ୍ରପ୍ରେରକ ପ୍ରସ୍ତାବ କରନ୍ତି କି ପିପିଲି ଟ୍ରେନିଂ ସ୍କୁଲର ହେଡମାଷ୍ଟରଙ୍କୁ ସ୍କୁଲର ସେକ୍ରେଟାରୀ ପଦରେ ନିଯୁକ୍ତ କଲେ ସୁଫଳ ହେବ। ପୁରୀର ଜିଲ୍ଲା ବୋର୍ଡ଼ ଏବଂ ମାଜିଷ୍ଟ୍ରେଟଙ୍କୁ ଯୋଗ୍ୟଙ୍କୁ ଏ ବିଷୟ ପ୍ରକାଶ କରି ଅନୁରୋଧ କରୁଅଛୁଁ କି ସ୍କୁଲର ପରିଚାଳନରେ କିଛି ତ୍ରୁଟି ଥିଲେ ତହିଁର ପ୍ରତିବିଧାନ କରିବେ। ଯାହାଙ୍କର ସମୟ ଓ ଉତ୍ସାହ ଅଛି ତାହାଙ୍କ ହାତରେ ସେକ୍ରେଟାରୀ କାମ ନ୍ୟସ୍ତ ହେବା ବାଞ୍ଛନୀୟ। ସ୍କୁଲର ପରିଚାଳନ ସୁଯୋଗ୍ୟ ସେକ୍ରେଟାରୀଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ।

—※—

ଗତ ଫେବୃଆରୀ ମାସ ତା ୨୫।୨୬।୨୭ରିଖରେ ପଞ୍ଜାବ ପ୍ରଦେଶ ସମ୍ବଲ ୭୫ ସଂଖ୍ୟକ ପ୍ରଥମ ରେଜିମେଣ୍ଟ ପୂର୍ବରେ ପ୍ରଦର୍ଶିତ ହୋଇଥିଲା। ନିଜେ ବହୁ ଲୋକ ସେହି ତା ୨୫ ଘଣ୍ଟା ସାର୍ଦ୍ଧାଇରେ ଆମ୍ବରଣ ପକ୍ଷ ଖାଇ ଅସ୍ତ୍ରାଗାରରେ ସର୍ବ ସଥ ଅଗ୍ରଜ ଦେବାକୁ ଅଗାଧ ସ୍ପୃହା ଦେଖୁଥିଲେ ଯୋଗ ଦେବାକୁ ଅତ୍ୟନ୍ତ ହେବାର ଉଚ୍ଚ ହେଲେ ଏବଂ ତହିଁରେ ଜେଷ୍ଠିରେ ଓ ଏଥର ଅବସରରେ ଆଗ୍ରହ ପଥିକ ଓ ଦେବା ମୂଲ୍ୟ ଅଟେ। ଲୋକ ଗୁଣଦର୍ଶନ ଏ ଭକ୍ତିରେ ସନ୍ତୁଷ୍ଟ ନ ହୋଇ ଏହି ସୁଶ୍ରୀ ଦେଖାଉଅଛନ୍ତି ବ ଲେଖକ ପକ୍ଷ ଦପୁଥିଲେ ଅଧିବେଶନର ଶେଷ ଦିନ ତା ୨୭ରିଖରେ ଯୋଗ ଦେଇ ପାରିଥାନ୍ତେ, କାରଣ ସନ୍ନ୍ୟାସୀଙ୍କୁ ତାହାଙ୍କର ବାସସ୍ଥାନ ଏକଦିନର ବାଟରୁ ଅଧିକ ଦୂରେ। ଅତଏବ ଏ ବିଷୟର ବନ୍ଧୁରର ଭାର ସାଧକମାନଙ୍କ ଅର୍ପଣ କରି-ଅଛନ୍ତି। ଏଥିରୁ ଅମ୍ଭମାନଙ୍କ ବିବେଚନାରେ ପକ୍ଷ ବା ଲକ୍ଷ୍ମୀଜନ ପାଇବା ମନେ ହେଉଥିଲାଃ ଦୂର ସ୍ଥାନକୁ ଯାଇ ଦେବା ଅନେକଙ୍କ ପକ୍ଷେ ସୁବିଧା ନୁହେଁ ଏବଂ ପ୍ରସ୍ତୁତ ହେବା କାରଣ ସମୟ ଆବଶ୍ୟକ। ସାଧାରଣ ସଭା ସମିତିର ବୈଠକ ଏକ ସପ୍ତାହ ବା ଅନ୍ତତଃ ଅଧିକ ପୂର୍ବରୁ ବାହାରିଥାଏ ପରନ୍ତୁ ଏକାଧିକ ଦିନ ଅଧିବେଶନ ହେଲେ ଅନ୍ତତଃ ଶେଷ ଦିନରେ ଉପସ୍ଥିତ ହେବା ଯଥେଷ୍ଟ ବୋଲି ଅମ୍ଭେମାନେ ବିବେଚନା କରୁନାହୁଁ। ଥିଉସ୍ପ୍ରୀ ଯୋଗଦାନ ବାଞ୍ଛନୀୟ ଏବଂ ତହିଁର ସୁଯୋଗ ଦେବା ଉଚିତ।

ଗତ ସୋମବାର କଟକର ପାରଲିଷ୍ଟାମେଣ୍ଟ ସଭିତରେ ଶ୍ରୀଯୁକ୍ତ ବଲବନ୍ତ ରଙ୍ଗ ସାହେବ ବଙ୍ଗଦୁର୍ଗ ଧର୍ମ ଅଶାନ୍ତି ନିବାରଣ ଏବଂ ଭାରତର ପାଲନ କାର୍ଯ୍ୟରେ ଜନସାଧାରଣଙ୍କୁ ଅଧିକତର ଅଧିକାର ପ୍ରଦାନ ମର୍ମରେ ଏକ ପ୍ରସ୍ତାବ ଉପସ୍ଥିତ କରିଥିଲେ ଏବଂ ସେ ସମ୍ବନ୍ଧରେ ଅନେକ ବକ୍ତୃତା ହୋଇଥିଲା। ଭାରତ ସଚିବ ଶ୍ରୀଯୁକ୍ତ ମୋରଲି ସାହେବ କହିଲେ କି ରାଜନୈତିକ ଦେଶରେ ବଙ୍ଗର ବଙ୍ଗ ହୋଇ ନାହିଁ, କେବଳ କାର୍ଯ୍ୟ ଅଧିକ ହେବାରୁ ତାହା ହୋଇଅଛି ଏବଂ ଅଧିକାଂଶ ଲୋକଙ୍କ ଇଚ୍ଛା ଥିବାରୁ ବଙ୍ଗ ଭଙ୍ଗ ହେଉଥିଲେ ସୁଦ୍ଧା ଯେତେବେଳେ ସେ କାର୍ଯ୍ୟ ସାଧନ ହୋଇ ସାରିଅଛି ସେତେବେଳେ ତାହା ଅନ୍ୟଥା କରିବା କାରଣ ଜନସାଧାରଣଙ୍କୁ ପ୍ରାର୍ଥନା କରିବା ଯୁକ୍ତିସଙ୍ଗତ ନୁହେ, ତଥାପିଃ ସେ ସେମାନଙ୍କ ଶାସନକର୍ତ୍ତାଙ୍କଠାରୁ ଆଶ୍ୱାସ ପାଇଅଛନ୍ତି ସେ ବଙ୍ଗଭଙ୍ଗ ଆନ୍ଦୋଳନରେ କେହି ଭୟ କରିଥିଲେ

Split by PDF Splitter



ତାହା କମେ ପ୍ରକାଶିତ ହୋଇଅଛି । ଏ ତଥ୍ୟ ଶୁଣି ପ୍ରସ୍ତାବକାରୀ ସଫଳ ହେବାର ଆଶା ଓ ଦେଶୀ ପ୍ରସ୍ତାବକୁ ଲେଫ୍ଟାନ ହେଲେ । ଏଥିରୁ ପାଠକମାନେ ଦେଖିବେ ଯେ ଗ୍ଭରଣମେଣ୍ଟ ... ଜ୍ୟୁକ୍ତ ମୋଲମିନଠାରୁ ବଙ୍ଗବାସିମାନେ ସ୍ୱତନ୍ତ୍ରର ଆଶା ଛାଡ଼ା କରଥିଲେ ତାହା ନିରାଶାରେ ପରିଣତ ହେଲା । ଅଧୁନା ବଙ୍ଗଦେଶରେ ଘୃଣ ବାନ୍ଧ ଚାଲୁଅଛି ଏବଂ ବଙ୍ଗଳକୁ ଅବ୍ୟବହିତ ପଠାଇବାର ଉଦ୍ୟମ ହେଉଅଛି । ମାତ୍ର ହେବା କଥା ଯେପରି ନାହିଁ ବୋଲି ସେ ସ୍ଥଳେ ବଳିତ ମେଟ୍ରେଟସ କହୁଅଛନ୍ତି ସେ ସ୍ଥଳେ ସୁଫଳର ଆଶା ହେବ କି ? ସ୍ୱଦେଶୀ ଲଡ଼ବା ଛଡ଼ା ଗ୍ଭରଣ ଶାସିତ ତାଙ୍କର ଉପାୟାନ୍ତର ନାହିଁ ମାତ୍ର ଇହିପାଇଁ ବଙ୍ଗବାସୀ ବିଶେଷତଃ ପୂର୍ବ ବଙ୍ଗବାସୀ ଯେତେ କଷ୍ଟ ଭୋଗ କରୁଅଛନ୍ତି ତହିଁରୁ ରକ୍ଷା ପାଇବା ସହଜ ବୋଲି ବୋଧ ହେଉ ନାହିଁ ।

## କପାଚାଷ ।

( କଟୋଲମାରୁ ଉଦ୍ଧୃତ )

ଅଠାଇଶ ଓ ନଇଜମି ବ୍ୟତୀତ ବାଲିଆ, ଦୋରଶୀ ଓ ମଟାଳପ୍ରଭୃତି ଜମି କପାସଚାଷରେ ବିଶେଷ ଉପଯୋଗୀ । ବର୍ଷାଋତୁର ଶେଷ ଓ ଶୀତଋତୁର ପ୍ରାରମ୍ଭରେ କପା ରୋପଣ କରାଯାଏ ଭୂମି ବିଶେଷରୂପେ କର୍ଷିତ ହେଲେ ମଇଳାର ଢେଲା ଭାଙ୍ଗିଦେବାକୁ ହୁଏ । ଗୁଣ ଯେତେ ଗଭୀର ପର୍ଯ୍ୟନ୍ତ କରାଯାଏ ତେତେ ସୁଫଳର ସମ୍ଭାବନା । ଭୂମି କର୍ଷଣ ସମୟରେ ଖତଦେବା ଅବଶ୍ୟକ ।

ପରୀକ୍ଷା ପୂର୍ବକ ଉତ୍କୃଷ୍ଟ ବୀଜ ସଂଗ୍ରହ କରି ପ୍ରଥମେ ସେ ୧୬ ଘଣ୍ଟା ତାହାକୁ ଗୋବରଜଳ ତମ୍ବା ଗୋବର ପାଣିରେ ଭିଜାଇ ରଖିବ । ତତ୍ପରେ ଏକ ଘଣ୍ଟା ରୌଦ୍ରରେ ଶୁଖାଇବ । କର୍ଷିତ ଭୂମିରେ ସେଥିର ହାଟି ଭୁଲବାର ଅନ୍ତରରେ ୨।୩ ଗୋଟି ବୀଜ ପକାଇ ମାଟିକୁ ଢାଙ୍କିଦେବ । ଏହି ପ୍ରଥାଟି, ଦୋଳିବା, ଜଳ ସେଚନ କରିବ, ଓ ଚାର୍ଯ୍ୟାଦି ସମ୍ପନ୍ନ କରିବା ପକ୍ଷରେ ସୁବିଧାଜନକ । ଗଛ ୮।୧୦ ଅଙ୍ଗୁଳି ପର୍ଯ୍ୟନ୍ତ ବଢ଼ିଲେ ଜମିକୁ ହୋଡ଼ାଇ ଦେଇ ଘାସ ଇତ୍ୟାଦି ବାଛିକରିଦେବା କର୍ତ୍ତବ୍ୟ । ଗଛ ବଡ଼ହୋଇ ଦେଖାଗଲେ ଗୋଟିଏ ଗଛ ଛାଡ଼ି ବାକିଗୁଡ଼ିକ ଉପାଡ଼ି ପକାଇବ । ଆବଶ୍ୟକାନୁସାରେ ମଧ୍ୟେ ମଧ୍ୟେ ଜଳ ସେଚନ କରିବା ବିଧେୟ । ଗଛ ବେଙ୍ଗା ହେବାର ଦେଖାଗଲେ ଅଗ କାଟିବାକୁ ହେବ ଓ ଭୂମିର ଉର୍ବରତା ବିବେଚନା କରି ମଧ୍ୟରେ ମଧ୍ୟରେ ଖତ ଦେବାକୁ ହେବ । କପାଗଛର ପାଟ୍ରଣ ଖତ ବିଶେଷ ଉପକାରୀ ।

ଜେଷ୍ଠ ମତେ କରନ୍ତି ଯେ କପାସ ଜମିରେ ଜଳସେଚନ କରିବା ଅତ୍ୟାବଶ୍ୟକ ନୁହେଁ ତାହା ଭ୍ରମ । ଜଳସେଚନ ନ କଲେ ଯେଉଁ ଗଛ ଏକ ବର୍ଷ ଞ୍ଚିତ ଥାଏ ଓ ୮।୧୦ ସେର ତୁଳାରୁ ଅଧିକ ତୁଳା ଦେଇ ନ ପାରେ, ସେହି ଗଛରେ ଜଳ ସେଚନ କଲେ ତାହା ବୃଦ୍ଧ ପ୍ରାପ୍ତ ହୋଇ ବହୁବର୍ଷ ସ୍ଥାୟୀ ହୁଏ ଏବଂ ପ୍ରତି ମାଣରୁ ୨୫।୨୭ ମହଣ ତୁଳା ଅମିଳୁଏ ।

କପା ତୋଳିବାବେଳେ ସାବଧାନ ହେବ ଯେପରି କ ଚଳନ ପଡ଼ିବାର ଆରମ୍ଭ ହେଲେ ତଳମ୍ କ କର କପା ସଂଗ୍ରହ କରିବ । ପ୍ରଥମ ବାରର କଥା ପୃଥକ୍ ରଖି ତହିଁମଧ୍ୟରୁ ବଛା ବାଛି ହେବ । ତହିଁରୁ ଯେ ମଞ୍ଜି ବାହାରିବ ତାହା ବୀଜ ସକାଶେ ବିଶେଷ ଉପଯୋଗୀ ।

## ଜଣେ ପ୍ରତାରକ ଲୋକ ।

ଲୋକ ପ୍ରତାରଣ ଜଙ୍ଗଲୀ ଜାତି ସରଳତା ଜନ୍ମରେ ପ୍ରସଙ୍ଗ ଥିଲେ । ମାତ୍ର ଏଣିକ ଅର୍ଥ ଲୋଭ ସେମାନଙ୍କୁ ସ୍ୱଭା ବିଚଳିତ କରିଦେଲାଣି । ସମ୍ବଲପୁର ହିତୈଷିଣୀରୁ ଉଦ୍ଧୃତ ନିମ୍ନଲିଖିତ ବିବରଣ ତହିଁର ଉଦାହରଣ ଅଟେ ଯଥା;—

ଦେବଗଡ଼ର ଲୁଥୁରା ଗ୍ରାମର ଏକଜଣ ଲୋକ ଅନକୁ ଏକବର୍ଷ ହେଲ ମାଘ ମାସରେ ଏହି ଗ୍ରାମବାସୀ ଶାତା ଦାମର ଅଟ୍ଟ ଏକ ଲୋକକୁ ଲିଙ୍ଗ ବେତନର କାର୍ଯ୍ୟରେ ନିଯୁକ୍ତ କରାଇଦେବ ବୋଲି କହି ସମ୍ବଲପୁରକୁ ନେଇଗଲା । ତାହା ଅଧିକ ଉପାର୍ଜନ କରିବ ଆଶାରେ ତାହାର ସ୍ତ୍ରୀକୁ ମଧ୍ୟ ସଙ୍ଗରେ ନେଇଥିଲା । ତହୁଁ ଏହି ଦୁଇଜଣଙ୍କୁ ନେଇ ସମ୍ବଲପୁରରେ ଥିବା ଷ୍ଟ ବଗିଚାର ଏଜେଣ୍ଟ ଜିମା ଦେଲା ଏବଂ ସେମାନଙ୍କ ନାମରେ ଟ ୭୦ ଙ୍କା ଉଠାଣ କଲା । ଏଜେଣ୍ଟ ନିର୍ଦ୍ଦିଷ୍ଟ ସମୟରେ ଅତ୍ୟାବଶ୍ୟ ହେବେଡ଼ କୁଲି ସହ ଏମାନଙ୍କୁ ରେଳରେ ଚଢ଼ାଇଦେଲା । ସେତେବେଳେ ଶାତ, ଏବଂ ତାହାର ସ୍ତ୍ରୀର ଚୈତନ୍ୟୋଦୟ ହେଲା । ସେ ବଗିଚାରେ ବନ୍ଦୀ ହୋଇଥିବାର ଜାଣିପାରି ସେମାନେ ଯିବାପାଇଁ ଅନିଚ୍ଛା ପ୍ରକାଶ କଲେ ମାତ୍ର କୌଣସି ଫଳ ହେଲା ନାହିଁ । ଶାତ ଏବଂ ତାହାର ସ୍ତ୍ରୀ ଚାଲାଣ ହୋଇ ଆସାମ ଗଲେ । ଉକ୍ତସ୍ଥ ବେତନ ପାଇ କୁଲି କାର୍ଯ୍ୟ କଲେ । ବଗିଚାର ମ୍ୟାନେଜର ପ୍ରୋଲ୍ ଟ ୭୦ ଙ୍କା ସେମାନଙ୍କର ବେତନରୁ କଟାଇବାକୁ କହିଲେ । ମାତ୍ର ଶାତ ଟଙ୍କା ନେଇ ନାହିଁ ବୋଲି ଆପତ୍ତି କଲା । ଲୁମ୍ବର ସର୍ଦ୍ଦାର ଟଙ୍କା ନେଇଅଛି ବୋଲି କହି ମ୍ୟାନେଜର ମହୋଦୟ ସେମାନଙ୍କର ଆପତ୍ତି ଶୁଣିଲେ ନାହିଁ । ପରେ ଏକ ବର୍ଷରେ ଟ ୩୦ଙ୍କା, କଟାଇ ବାକି ଟ ୩୦ ଙ୍କା ନାମରେ ଶାତ ତାହାର ସ୍ତ୍ରୀକୁ ମ୍ୟାନେଜରଠାରେ ବନ୍ଧକ ଦେଇ ଦେଶ ଗଡ଼କୁ ଆସିଅଛି । ତାହାର ଦରଖାସ୍ତକାରରେ ଏଠା ପୋଲିସ ସେହି ଲୁଥୁରା ଲୋକକୁ ଗ୍ରେପ୍ତାର କରିଅଛନ୍ତି । ଲୁଥୁରାଠାରୁ ଭୁଲ ଲୁଣ୍ଠିର ସର୍ଦ୍ଦାର ହୋଇ ଆସି ଏ ସାର୍ଟିଫିକେଟ ବାହାରଅଛି ଏବଂ ଜଣ ନଟେ ଟ ୩୦ ଙ୍କା ପ୍ରଦାନ କରି ଏହି ଅପରାଧ କରିଥିବାର ସ୍ୱୀକାର କରୁଅଛି । ଲୁଥୁରା ଲୋକ ଏଠାରେ କୁଲି କାର୍ଯ୍ୟ କରେ । ସମୟେ ଆବଶ୍ୟକ ହେଲେ କୁଲି ସଂଗ୍ରହ କରିଥାଏ । କିନ୍ତୁ ତାହାର ଏହି ଦୁର୍ନୀତି କାହାରିକୁ ଜଣା ନ ଥିଲା । ବର୍ତ୍ତମାନ ଧରା ହେବାରୁ ସମସ୍ତ ପ୍ରଂଚାର ଏବଂ ବିଚାରରେ ତାହାର ଦୁଇବର୍ଷ କାରାବାସଦଣ୍ଡ ଆଦେଶ ହୋଇଅଛି ।

## ଅନ୍ନକଷ୍ଟର ଅବସ୍ଥା ।

ବଙ୍ଗଦେଶରେ ଖାଦ୍ୟର ଦର ଅତ୍ୟନ୍ତ ବୃଦ୍ଧି ହେବାରୁ ଭବିଷ୍ୟତରୁ ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା ଦେଖି ବେଙ୍ଗଲ ଚାମ୍ବର ଅଫ କମର୍ସ ବା ବଙ୍ଗୀୟ ବାଣିଜ୍ୟ ବଣିକ ସମିତି ବଙ୍ଗ ଗବର୍ଣ୍ଣମେଣ୍ଟ ଏବଂ ପୂର୍ବ ବଙ୍ଗ ଓ ଆସାମ ଗବର୍ଣ୍ଣମେଣ୍ଟର ସେକ୍ରେଟାରୀମାନଙ୍କ ନିକଟକୁ ପତ୍ର ଲେଖିଅଛନ୍ତି । ସେମାନେ ଦେଖାଇଅଛନ୍ତି ଯେ ଅନେକ ସ୍ଥାନରେ ରେଶ, ବନ୍ୟା ଓ ଅନାବୃଷ୍ଟି ବୃଦ୍ଧି ଅଳ୍ପାନ୍ତରୂପେ ଅନ୍ନକଷ୍ଟର ପ୍ରମାଣ ଦେଉଅଛି ଏବଂ ମଧ୍ୟବିତ୍ତ ଚାଉଳର ଦର ସାଧାରଣ ଗତ ସେପ୍ଟେମ୍ବର ମାସରେ ମହଣ ଟ ୩ ।୵ ରୁ ୪ ୲୵ ପର୍ଯ୍ୟନ୍ତ ଦରରେ ବିକ୍ରି ହେଉଥିଲା ବର୍ତ୍ତମାନ ଟ ୪ ୷୵ ରୁ ଟ ୪ ।।୵ ପର୍ଯ୍ୟନ୍ତ ହୋଇଅଛି । ଅତଏବ ସମିତି ଗବର୍ଣ୍ଣମେଣ୍ଟ ନିକଟରେ ପ୍ରାର୍ଥନା କରୁଅଛନ୍ତି ଯେ ଗତ ବର୍ଷ ଯେଉଁ ସ୍ଥାନରେ ଯେତେ ଧାନ ହୋଇଥିଲା, ତାହା ଗତ ପାଞ୍ଚ ବର୍ଷର ହାରାହାରି ଠାରୁ କେତେ ଅଂଶ ହେବ, ତହିଁରୁ କେତେ ସ୍ଥାନାନ୍ତରକୁ ବାହାର ଯାଉଅଛି ବା ବାହାର ହିବାଇ ସମ୍ଭବ, ଅବଶିଷ୍ଟ ଯାହା ରହିବ ତାହା ସେ ସ୍ଥାନର ଅଧିବାସୀ ସକାଶେ ଯଥେଷ୍ଟ କି ନା, ଅନ୍ୟ କେଉଁ ଖାଦ୍ୟୋପଯୋଗୀ ଶସ୍ୟ କି ପରିମାଣରେ ଉତ୍ପନ୍ନ ହୋଇଅଛି ଏବଂ ବର୍ତ୍ତମାନର ଦୁର୍ମୂଲ୍ୟ କେଉଁ ଶ୍ରେଣୀର ଲୋକଙ୍କୁ ବିଶେଷ ବାଧୁଅଛି ଏହି ସମସ୍ତ ବିଷୟର ଅନୁସନ୍ଧାନ ଅବଲମ୍ବେ ଜିଲ୍ଲା ମାଜିଷ୍ଟ୍ରେଟ, ସବଡିଭିଜନ ଡ଼େପୁଟି, ଗ୍ରାମ୍ୟ ପଞ୍ଚାୟତ, ଜମିଦାର, ମହାଜନ ଏବଂ ଅନ୍ୟାନ୍ୟ ଅଭିଜ୍ଞ ବ୍ୟକ୍ତି ଯଥା ସ୍କୁଲ ମାଷ୍ଟର, ପୋଷ୍ଟମାଷ୍ଟର ପ୍ରଭୃତିଙ୍କଦ୍ୱାରା କରାଯାଉ ଏବଂ ଅନୁସନ୍ଧାନର ଫଳ ବିବେଚନାରେ ଦୁର୍ଭିକ୍ଷ ନିବାରଣର ଉପାୟ କରାଯାଉ । ସମିତିର ଏହି ପ୍ରାର୍ଥନାନୁସାରେ ଜନର କର୍ତ୍ତବ୍ୟ କାର୍ଯ୍ୟ କରୁ-

Digitized by srujanika@gmail.com

Split by PDF Splitter



ଅଛନ୍ତି ଏବଂ ତାହା ବ୍ୟାଖ୍ୟାଙ୍କର ଅଟେ । ଗବର୍ଣ୍ଣମେଣ୍ଟ ଏ ବିଷୟରେ ଅବଶ୍ୟ ଉଦାସୀନ ନୁହନ୍ତି ଏବଂ ଏହି ପ୍ରସ୍ତାବରେ ପ୍ରତ୍ୟେକ ଜିଲା ଓ ସବଡିଭିଜନର ଅବସ୍ଥା ସ୍ଥିର କରି ଦଳ ଲଭ୍ୟାଦି ଗଜେଟରେ ଛପା ଏବଂ ସହିତ ସମାଲୋଚନା ପ୍ରକାଶ ଗବର୍ଣ୍ଣମେଣ୍ଟଙ୍କର ମନ୍ତବ୍ୟ ଯୋଗର ନାହିଁ ହୋଇଅଛି, ମାତ୍ର ବିଶେଷ ଘଟଣା ହେଲେ ଏହା କଲ ତାହାଙ୍କ ଉପୋ- ଟରେ କି ଭଳି ନ ହୋଇ ଉଦୟ ଲବ୍ଧ ସମ୍ବାଦ ସଙ୍ଗତ କଲେ ଅଧିକ ଫଳପ୍ରଦ ହେବ ଏବଂ ଅନେକ ତଥ୍ୟ ଲାଭାଦ ଜଣା ତାହାଙ୍କର ଦୃଷ୍ଟି ଅଗୋଚର କର ଯାଇ ନାହିଁ ତାହା ଜଣା ପଡ଼ିବ । ଅତଏବ ବିଶେଷ ଅନୁସନ୍ଧାନ ଆବଶ୍ୟକ ହେଉଅଛି ।

## ଲେଖା ଫେରନ୍ତ ।

ମଫସଲଷ୍ଟେସନର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଲ୍ୟାଡ- ସାହେବଙ୍କର ଉକ୍ତିଏ ଏଣି ବଙ୍ଗଳାର ବେଙ୍ଗଲି ସମ୍ବାଦ ପତ୍ରରେ ପ୍ରକାଶ ହୋଇଅଛି । ପୂର୍ବ ବଙ୍ଗର ମାନ୍ୟବର ଲେପ୍ଟନାଣ୍ଟ ଗଭର୍ଣ୍ଣର ସାମନ୍ତସିଂହରେ ଦିଗଲମାନ ହେବା ସ୍ଥାନରେ ତାହାଙ୍କର ଅଭ୍ୟର୍ଥନାର ବନ୍ଦୋବସ୍ତ ନିମନ୍ତେ ଗୋଟିଏ କମିଟୀ ଗଠିତ ହୋଇଥିଲା ଏବଂ ସେହି କମିଟିର ସଭାପତି ସ୍ୱରୂପ ଶ୍ରୀଯୁକ୍ତ ଲ୍ୟାର୍ଡ- ସାହେବ କମିଟିର କାର୍ଯ୍ୟରେ ଯୋଗ ଦେବା- ପାଇଁ କେତେକ ଭଦ୍ରଲୋକଙ୍କୁ ଡାକସମ୍ବାଦ ପଠାଇଥିଲେ । ସମ୍ବାଦ ପାଇ ସେଉଁମାନେ ଲେଖା ପଠାଇଦେଲେ 'ମାଫ ଅର୍ଥାତ୍ କାର୍ଯ୍ୟରେ ଅନ୍ୟ କୌଣସି ପ୍ରକାରେ ସାହାଯ୍ୟ କଲେ ନାହିଁ ସେମାନଙ୍କର ଲେଖା ସ୍ୱରଣ ରହିବା ଅନର୍ଥକର ହୋଇଯାଉ ଏହି ହେତୁ ଦ୍ୱାର ଲିଙ୍କି ଫଣ୍ଡ୍ରାଗ ସାହେବ ମହୋଦୟ ସେମାନଙ୍କର ଦେଇଥିବା ଲେଖା ଟଙ୍କା ଫେରି ଦେଇଅଛନ୍ତି । ଏ ବ୍ୟବହାର କେତେ ନ୍ୟାୟ ? ସମସ୍ତେ ଜାଣନ୍ତି ଯେ ଯେଉଁ ସାଧାରଣ କାର୍ଯ୍ୟରେ ବ୍ୟୟ ଅଛି ତହିଁରେ ଲେଖା ପ୍ରଦାନ, ଯୋଗଦାନ ଓ ସଦ୍ଭାବ ଭଲ ପ୍ରଦର୍ଶନର ସ୍ୱାଧୀନ ଟେକ ଅଛି । ଲେଖା ଦେଇ କୃତଜ୍ଞ ନ ହେବା ବା ଅନ୍ୟ ପ୍ରକାରେ ଯୋଗ ନ ଦେବାର ଅନେକ କାରଣ ଥାଇପାରେ । ସେଉଁମାନେ ଜାଣନ୍ତି ଚନ୍ଦା ପ୍ରଦାନ କଲେ ନ ଦେଲେ କି ଅସୁବିଧା ହେବ ସାହାଳି ଯେ ଭଳ ଯେ ଯାଇଥିଲା ତାହା ନେବା ଦଉବାରେ କି କାରଣରୁ ଛୁଟି ଦେଲ କହିଁର ଅନୁସନ୍ଧାନ କରିଥିଲେ ଖୁବ ଅଛପ୍ରାସ୍ତ ବୁଝା ଯାଉଥାନ୍ତା । ସାହେବ ମହୋଦୟ ତାହା କରିବାର ତାହାଙ୍କର ପକ୍ଷରେ ଉଚିତ ନାହିଁ ।

ଫଳତଃ ଅନ୍ୟ କୌଣସି ପ୍ରକାର କ୍ରୁଟି ହେଲେ ମଧ୍ୟ ଲେଖା ଦାନ ସେସ୍ଥଳେ ସଂଯୋଗ ଓ ସହାନୁଭୂତିର ପ୍ରତ୍ୟକ୍ଷ ପ୍ରମାଣ ଅଟେ ସେ ସ୍ଥଳେ ତାହା ଫେରାଇ ଦେବା ଅପମାନ କରିବା ଭଳି ଅଟେ । ଅନ୍ତତଃ ଏପରି ଅଶୋଭନ ବ୍ୟବହାର ଆଉ କେବେ ଅମ୍ଭେମାନେ ଶୁଣିନାହୁଁ । ଭଲ ବଙ୍ଗର ଅସ୍ଥିର ବସ୍ତର ସମସ୍ତ କ୍ଷେତ୍ର ପ୍ରକାର ଏବଂ ଯେତେବେଳେ ଜଣେ ସୁସଭ୍ୟ ଇଂରାଜ କର୍ମଚାରୀଙ୍କଠାରେ ଏବଂ ଗୋଟିଏ ପ୍ରଦେ- ଶର ଶାସନ କର୍ତ୍ତାଙ୍କର ଅଭ୍ୟର୍ଥନା ସମ୍ପର୍କରେ ତାହା ପ୍ରକାଶ ପାଇଅଛି ସେତେବେଳେ ତାହା ଗବର୍ଣ୍ଣମେଣ୍ଟଙ୍କର ଅନୁମୋଦିତ ନୁହେ ବୋଲି କିଏ କହିବ ? ଯାହା ହେଉ ଏଣିକି ସାଧାରଣ କାର୍ଯ୍ୟରେ ସରକାରୀ ଚାକରମାନଙ୍କ ସଙ୍ଗେ ଯୋଗ ହୋଇ ଲେଖା ଦେବା ବେଳେ ବିଶେଷ ସାବଧାନ ହେବା ଉଚିତ ।

## ମାନ୍ଦଲରେ ମିଛ ।

ରାଣୀଗଞ୍ଜ ଅଦ୍ଭୁତପ୍ରାଣିବାସୀ ଜଣେ ମତ୍ୟ ଜନ ବୃନ୍ଦାବନଲୁ ବାଲିହୁଣ୍ଡା ଯୁବତି ଏହି ଦୁଇଟି ସହରବାସୀ କପିଳସାହୁ ଓ ଲୋକନାଥସାହୁଙ୍କ ତାଙ୍କ ଉଭୟଙ୍କ ଦେଖେ ଦ୍ରବ୍ୟ ଯୋଗାଇ ତହିଁର ମୂଲ୍ୟ ବାବଦ ଟଙ୍କା ୨ ୫୬ ଙ୍କାର ଦୁଇଟି ହାଣ୍ଡନୋଟ ସୂତ୍ରେ ଏଠା ମଫସଲ ଅଦାଲତରେ ନାଲିସ ଦାଏର ଥିଲା । କପିଳସାହୁ ଓ ଲୋକନାଥ ସାହୁ ପ୍ରତିବାଦୀମାନେ ବାଦୀଙ୍କ ସଙ୍ଗେ ଅନ୍ୟେ କାରବାର କରି ନ ଥିବା ବ ତାଙ୍କୁ ଚିହ୍ନି ନ ଥିବା ଏବଂ ହାଣ୍ଡନୋଟ ଲେଖିଦେଇ ନ ଥିବାର ଜବାବ ଦେଇଥିଲେ । ମୋକଦ୍ଦମା ଗତ ଫେବ୍ରୁ- ଆରି ମାସ ତା ୨୭ ଖରେ ଡେପୁଟି ମୁନସଫଙ୍କ ମହଲରେ ବିଚାର ହେଲା । ବାଦୀଙ୍କ ପକ୍ଷରୁ ଏଠା ରତନ ସାହୁ ନାମଣଙ୍କର ସମ୍ମ ସାକ୍ଷୀ ସ୍ୱରୂପ ଜବାନବନ୍ଦୀ ଦେଇଥିଲେ । ତାଙ୍କ ସାକ୍ଷ୍ୟରୁ ପ୍ରକାଶ ହେଲା ଯେ ପ୍ରତିବାଦୀମାନେ ତାଙ୍କ ସମ୍ମୁଖରେ ହାଣ୍ଡନୋଟରେ ଦସ୍ତଖତ କରିଥିଲେ ଏବଂ ତାଙ୍କର ହିସ୍ତାରେ ହାଣ୍ଡନୋଟ ଲେଖା ହୋଇ- ଥିଲା । ବାଦୀଙ୍କ ସାକ୍ଷିମାନଙ୍କ ଜୋବାନବନ୍ଦୀ ପରେ ପ୍ରତିବାଦୀଙ୍କ ପକ୍ଷରୁ କେବଳ କପିଳସାହୁ ଜୋବାନବନ୍ଦୀ ଦେଇଥିଲା । ସେ କହିଲା ଯେ ସେ ଓ ତାହାର ଭାଇ ହାଣ୍ଡନୋଟ ସମସ୍କଳୁବାଲୁଙ୍କ ହିସ୍ତାରେ ଦସ୍ତଖତ କର ଦେଇଥିଲେ ମାତ୍ର ତାହା ବାଦୀଙ୍କ ଗୁମାସ୍ତା ସ୍ପର୍ଶନ୍ତୁ ନାମରେ ଅନ୍ୟ ଏକ ହାଣ୍ଡନୋଟ । ବାଦୀଙ୍କର ଦାଖଲ ହାଣ୍ଡ ନୋଟ ସେମାନେ ଦସ୍ତଖତ କରିନାହାନ୍ତି । ଜବାବ ସଙ୍ଗେ ଜବାନବନ୍ଦୀ ଅମେଳ ହେଲା ଏବଂ ହାକିମ ତାଙ୍କୁ ଅବିଶ୍ୱାସ କରି ବାଦୀଙ୍କୁ

ମାମଲା ଡିକ୍ରୀ ଦେଲେ । ମହାଜନମାନେ ଅବଶ୍ୟ ଲୋକ ଠକି କାରବାର କରନ୍ତି । ଅମ୍ଭେମାନେ ମଧ୍ୟ ଅନେକ ସମୟରେ ମାମଲାରେ ମିଛ ମିଛି- କାର ଦେଖିଥିଲୁଁ । ଗ୍ରାମଙ୍କର ଚାଷୀଙ୍କ ସାମ୍ନା- ରରେ ହାଣ୍ଡନୋଟ ଲେଖିଦେଇ ପ୍ରତିବାଦୀମାନେ ଯାହା ହାଣ୍ଡନୋଟକୁ ଅସ୍ୱୀକାର କଲେ ଏଥି ବଳ ଆଉ ଆଶ୍ଚର୍ଯ୍ୟର ବିଷୟ ନାହିଁ । ସେମାନେ ଏକେସହର ମିଛ କହୁପାରନ୍ତି ତାଙ୍କ ଗୁରୁତର ଧର୍ମ ବୋଲାଯିବ । ଅମ୍ଭେମାନେ ଭରସା କରୁ ଏଣିକି ମହାଜନମାନେ ଅଧିକ ସାବଧାନ ହୋଇ କାର୍ଯ୍ୟ ଚଳାଇବେ । ଲେନଦେନ ସମ୍ବନ୍ଧ ମଧ୍ୟ ଦେଖେଦେ ସମୟରେ ଅସ୍ତ୍ରମାଣିତ ହୋଇଯାଉଅଛି । ଅମ୍ଭେମାନେ ମନେ କରୁଁ ନ ଦାନ ଦାବି ଚାଲିବାର ହେତୁ ମିଛର ନାହିଁ । ବଜୁଅନ୍ତ୍ର ଓ ବଡ଼ ବ୍ୟବସାୟୀମାନେ ଏହା ରୁଝି ନିତାନ୍ତ ଦଣ୍ଡାହ ସ୍ଥଳ ଉଚ ଚଢ଼ମୂଲ୍ୟ ଦ୍ୱାର ଚଢ଼ି ଦଣ୍ଡାହ ପଡ଼ି ଲଭ ସତ୍ତ୍ୱା ଦଅନ୍ତି ନାହିଁ, ଦାନ ଲାଗିବାର ଉଦ୍ଦେଶ ଓ କ୍ଷେତ୍ର ଉଭୟଙ୍କ ପକ୍ଷରେ ଅନିଷ୍ଟକର ଏବଂ ଦୁଷ୍ଟବସ୍ତା ଓ ଦୁର- ବସ୍ଥା ବୃଦ୍ଧିର ପ୍ରଧାନ ହେତୁ ଅଟେ ।

## ହିନ୍ଦୁ ମୁସଲମାନର ଅମେଳ ।

ବଦ୍ଧ ସବଡିଭିଜନ ଖାମତଗର ଅଧୀ- ନସ୍ଥ ସାମନ୍ତପୁରରେ ମୁସଲମାନମାନେ ସମ୍ପ୍ର- ତି ହାଟରେ ହିନ୍ଦୁଙ୍କର ଫକ୍ଷାର୍ଥ ଭଳ କରିଥିବା ପ୍ରସଙ୍ଗରେ ଉତ୍କଳବାସୀ ଲେଖିଥିବନ୍ତି କି ପୂର୍ବେ ଭଦ୍ରକରେ ଏହିପରି ଗୋବଧ ବିଷୟ- ରେ ମୁସଲମାନମାନେ ଦେଶକଣ୍ଠା ମୁଦଙ୍ଗ ଶବ୍ଦ ପଡ଼ାଇବା ବିଷୟରେ ଏକ ମୋକଦ୍ଦମା ଦେବାନ୍ରର କାଲେକ୍ଟରଙ୍କ ଜଲ ହାକିମ ଅତି ଉଦ୍ଧୃତରେ ନିଷ୍ପତ୍ତି ଦେଇ ଯାଇଥିଲେ । କିନ୍ତୁ ଏହା ପ୍ରଧା- ଧାନ ନ ହୋଇ ସମାଜର ମଧ୍ୟରେ ଏପରି କଳହ ହେବା ବଡ଼ ପରିତାପର ବିଷୟ । ମନ୍ତ୍ରୋପାଧ୍ୟାୟ ଦ୍ୱାରା କରନ୍ତି ନ ଉଭୟପକ୍ଷର ଦେଶ ପ୍ରାଣସ୍ୱ ବ୍ୟକ୍ତିଗଣ ଏହି ମନୋମାଳିନ୍ୟ ଅପ୍ରୀତି ଯାକିଦେଇ ସାଧାରଣରେ ଧର୍ମଭାବର ବିସ୍ତାର ହେବେ । ସନ୍ତୋଷିଙ୍କର ପରାମର୍ଶ ଉତ୍ତମ ଅଟେ, ମାତ୍ର ବର୍ତ୍ତମାନର ସ୍ୱାଧୀନତା ସମୟ- ରେ ସମାଜ ନେତା କେହୁ ଥିବା ଏଥି ତାହାଙ୍କ କଥା ମାନ ସମସ୍ତେ ଶୁଣିବା ପରି ଜଣା ଯାଏ ନାହିଁ । ଶିକ୍ଷା ଓ ସଭ୍ୟତାର ଗୌରବ ଏବଂ ସ୍ୱାର୍ଥପରତାର ପ୍ରଭାବରେ ସମସ୍ତେ ପ୍ରଧାନ ହୋଇଅଛନ୍ତି । ଅଥଚ ଅନେକେ ଦେଖୁଅଛନ୍ତି ଯେ ଏହାର ଭଲ ସମାଜ ଭୂଲ କ ଥାଏ । ଏହି କାରଣରେ ଗୋଟିଏ ଧର୍ମ କଲେ ଧର୍ମପ୍ରଥମେ ଏକତ୍ରକୁ

Digitized by srujanika@gmail.com

ସାଧୁତାର ଉପଯୁକ୍ତ ଆଦର ସାଧାରଣ ଜନଗଣ ଦେଖାଉଅଛନ୍ତି । ପରନ୍ତୁ ଲୋକମାନେ ଯେପରି ସହିଷ୍ଣୁ ଏବଂ ପରସ୍ପର ପ୍ରତି ଉଦାର ଭାବରେ ବ୍ୟବହାର ନ ଦେଖାନ୍ତେ ସମାଜରେ ସୁଖ ଶାନ୍ତି ରହିବ ନାହିଁ ଏବଂ ସମାଜ ନେତାମାନଙ୍କର ସମସ୍ତ ଚେଷ୍ଟା ନିଷ୍ଫଳ ହେବ । ମସଜିଦ ଓ ସଂଘର୍ଷ ନୂତନ କଥା ନୁହେ, ବହୁକାଳରୁ ଏ ଦେଶରେ ରହିଅଛି । ପୁଣି ହିନ୍ଦୁ ଓ ମୁସଲମାନ ଏ ଦେଶର ମୂଳ ପ୍ରଧାନ ଅଧିବାସୀ ଅଟନ୍ତି ଏବଂ ଚିରକାଳ ରହିବେ । ସେମାନଙ୍କର ଧର୍ମ ଭିନ୍ନ ହେଲେହେଁ ଏକ ଅନ୍ୟର ଧର୍ମରେ ଯୋଗ ଦେବା ଅନ୍ୟ ସ୍ଥାନ ଅପେକ୍ଷା ଏ ଦେଶରେ ଅଧିକ, ବିଶେଷତଃ ଏହି ଜିଲ୍ଲାରେ ଜନ୍ମେଜୟ ହାଲିପୁରା ଓ ଗୋଲକ ବାବୁର ବାଛନ୍ତା ବୋଲି ଗୋଟିଏ ପ୍ରବାଦ ବହୁକାଳରୁ ପ୍ରଚଳିତ ଅଛି । ମାନ୍ୟବର ଶାସକ ହିନ୍ଦୁ ଖେଦ ସହିତ କହୁଅଛନ୍ତି ଯେ "ଈଶ୍ୱରପରାୟଣ ବ୍ୟକ୍ତିମାନେ ପରସ୍ପର ମଧ୍ୟରେ ଶାନ୍ତି ପୂର୍ବକ ରହନ୍ତି ନାହିଁ; ଭୂମି ବନ୍ଧୁମାନଙ୍କ ସହିତ ବିବାଦ କରୁଅଛ ସେ ଉଚିତ ସ୍ଥାନ ହେବେ ନାହିଁ କି ?" ହେମନ୍ତ ଚନ୍ଦ୍ରଙ୍କର ଉପଦେଶ ! ଅମ୍ଭେମାନେ କ ଏହା କାର୍ଯ୍ୟରେ ଦେଖାଇବାର ଯୋଗ୍ୟ ହେବୁ ନାହିଁ ? ହି ମୁସଲମାନ ଦେହ ବାହାର ଦେବାଲୟରେ ଅତ୍ୟାଚାର ପ୍ରବେଶ କରନ୍ତୁ ନାହାନ୍ତି । ରାଜା ମାନଙ୍କ ସାର୍ବଭୌମ ହର ବା ଅଖଣ୍ଡ ଉଦ୍ୟାନ ବାଗ ନଦୀର ସ୍ନାନରେ ତାହାର ତୀର୍ଥ, ଦେବାର କଥା ନାହିଁ ଏବଂ ହେଲେ ମଧ୍ୟ ମୂର୍ତ୍ତି ମାତୃର ଥାଏ । ଏଥିପାଇଁ ଭାଇ ମଧ୍ୟରେ ଭଗ୍ନ ହେବା ବଡ଼ ଦୁଃଖର କଥା । ଭାଇ ହିନ୍ଦୁଙ୍କର ଓଡ଼ିଶାର ଯେ ଦୁରବସ୍ଥା ଘଟିଅଛି ଏବଂ ଘଟୁଅଛି ତାହା ତାହାଙ୍କୁ ଅବଗତ ନାହିଁ । ଅତଏବ ସ୍ୱର ହିନ୍ଦୁଧର୍ମ ସର୍ବଦା ଅନୁସରଣ କରିବା ଏହାନ୍ତ କର୍ତ୍ତବ୍ୟ । ବିଶେଷତଃ ଧର୍ମ ସମ୍ବନ୍ଧରେ ବିରୋଧ ନିତାନ୍ତ ଅସଙ୍ଗତ । ଅମ୍ଭେମାନେ ହିନ୍ଦୁ ଓ ମୁସଲମାନ ଭାଇମାନଙ୍କୁ ସ୍ୱ ସ୍ୱ ଧର୍ମ ପାଳନରେ ଉଦାରତା ଏବଂ ସହିଷ୍ଣୁତା ଅବଲମ୍ବନ କରିବାକୁ ଅନୁରୋଧ କରୁଅଛୁଁ । ଦୁଃଖ ହିନ୍ଦୁସ୍ଥାନ ଦେଶାଚାରରେ ଆପଣା ମଧ୍ୟରେ ବିବାଦ ଦ୍ୱନ୍ଦ କରି ପାରିବ ନାହିଁ ।

ଅଭିଷେକ ବକ୍ତୃତା ।

ରେଢ଼ାଖୋଲର ରାଜା ସାହେବଙ୍କ ସ୍ୱଦେଶ ଜଗିବାଇଲେ ଯେଉଁ ବକ୍ତୃତା କରିଥିଲେ ତାହା ଆହାର ଅବ ଉତ୍କଳରେ ଛପା ହୋଇଅଛି । ତହିଁର ସଂକ୍ଷେପ ମର୍ମ ନିମ୍ନେ ପ୍ରକାଶ କଲୁଁ ।

"ଈଶ୍ୱରଙ୍କ କୃପାରୁ ମୁଁ ଅଦ୍ୟ ରାଜ୍ୟଭାର ପ୍ରାପ୍ତ ହେଲି । ଏହି ଶୁଭକାଳକୁ ମୁଁ ଅନେକ ଦିନରୁ ପ୍ରତୀକ୍ଷା କରୁଥିଲି । ମାତ୍ର ଆଜି ତାହା ସଂଘଟିତ ହେବାରୁ ମୋ ମନରେ ଯେଉଁ ପ୍ରସନ୍ନତାର ହିଲ୍ଲୋଳ ଉଠୁଅଛି ରାଜ୍ୟ ଶାସନର ଦାୟିତ୍ୱ ଜ୍ଞାନ ଏବଂ ଚିନ୍ତାରେ ତାହା ହ୍ରାସ ହେଉଅଛି ଏବଂ ମୁଁ ଈଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା କରୁଅଛି ଯେ ଏହି ଦାୟିତ୍ୱ ଉତ୍ତମରୂପେ ନିର୍ବାହ କରିବା କାରଣ ମୋତେ ସମୁଚିତ ବଳ ବୁଦ୍ଧି ଏବଂ ଧୀରତା ପ୍ରଦାନ କରିବେ । ମୁଁ ଜାଣେ ମୁଁ ଏଥିର ଯୋଗ୍ୟ ନୁହେ । କିନ୍ତୁ ଯେତେବେଳେ ପ୍ରଭୁ ମୋତେ ଏ ଭାର ଦେଲେ ସେତେବେଳେ ସେ ସୁପଥରେ ମୋତେ ଚଳାଇବେ । ମୋହର ପିତାମହ ସନ ୧୮୭୭ ସାଲରେ ସ୍ୱର୍ଗାରୋହଣ କଲେ ଏବଂ ମୋହର ପିତା ନାବାଳଗ ଅବସ୍ଥାରେ ସନ ୧୮୮୫ ସାଲରେ ପରଲୋକ ଗମନ କଲେ । ମୁଁ ସେତେବେଳେ ମାତ୍ର ୨ ବର୍ଷ ଶିଶୁ ଥିଲି । ମାତାଙ୍କର ଲାଳନ ପାଳନ ଏବଂ ଦୟାବାନ୍ ଗବର୍ଣ୍ଣମେଣ୍ଟର ସୁବନ୍ଦୋବସ୍ତରେ ଶିକ୍ଷା ଲାଭ କରି ବର୍ତ୍ତମାନ ଅବସ୍ଥାକୁ ଲଭିଅଛି । ଏଥିପାଇଁ ଗବର୍ଣ୍ଣମେଣ୍ଟ ଏବଂ ଏହି ପାର୍ଟିକାଲ ମଧ୍ୟରେ କାର୍ଯ୍ୟ କରିଥିବା କର୍ମଚାରୀ ସୁପ୍ରସିଦ୍ଧ, ଅଭିଜ୍ଞ ପୁରୁଷଙ୍କୁ ଧନ୍ୟବାଦ ଦେଉଅଛି । ସେମାନଙ୍କର ୧୮ ବର୍ଷର ସୁଶାସନରେ ଏ ରାଜ୍ୟର ଶାନ୍ତି ଓ ସୌଭାଗ୍ୟ ବଢ଼ିଅଛି ଏବଂ ଏମନ୍ତ ସୁନ୍ଦର ଅବସ୍ଥାରେ ଏ ରାଜ୍ୟ ମୋହର ହାତକୁ ଶେଷ ହେବା ମାତ୍ରେ ମୋତେ ଅର୍ପଣ କରିବା ହେତୁ ମାନ୍ୟବର ଲେଫ୍‌ଟେଣ୍ଟ ଗବର୍ଣ୍ଣରଙ୍କ ଠାରେ ଅଶେଷ କୃତଜ୍ଞତା ପ୍ରକାଶ କରୁଅଛି । ମୋହର ପ୍ରଜାବର୍ଗଙ୍କ ସମ୍ବନ୍ଧରେ ଏତିକି କହୁଅଛି ଯେ ସେମାନେ ବହୁ ସରଳ ଏବଂ ରାଜଭକ୍ତ ଏବଂ ଏତେକାଳ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ସୁଶାସନର ସୁଖରେ ଥିଲେହେଁ ସ୍ୱଭାବତଃ ନିଜର ରାଜାର ସାକ୍ଷାତ ଶାସନକାଳକୁ ଚାହିଁ ବସିଥିଲେ । ସେମାନଙ୍କ ହୃଦୟ ଜମନ୍ତେ ସରକାର ଯାହା କରୁଅଛନ୍ତି ମୁଁ ଯେବେ କିଛି ମାତ୍ର ତାହା ବଢ଼ାଇ ପାରେ ତେବେ କୃତାର୍ଥ ହେବି । ମୁଁ ଦଶରଥ ରାଜାଙ୍କ କଥାରେ କହୁଅଛି ଯେ ସେ ରାଜା ପ୍ରଜାବର୍ଗଙ୍କ ଦୁଃଖମାନ ସୁଖ ଶାନ୍ତି ପ୍ରଦାନ କରିପାରେ ସେ ଧନ୍ୟ ଅଟେ । ମୋହର ପିତାମହ ମହାରାଜା ଭଗୀରଥ ମହେନ୍ଦ୍ର ବାହାଦୁର ସୁଶାସନର ଅକ୍ଷୟ କୀର୍ତ୍ତି ରଖି ଯାଇଅଛନ୍ତି ଏବଂ ପ୍ରଜାବର୍ଗ ତାହା କୃତଜ୍ଞତା ଏବଂ ସ୍ନେହ ସହିତ ସ୍ମରଣ କରୁଅଛନ୍ତି । ତାହାଙ୍କର ପଦାନୁସରଣ କରିବାକୁ ମୁଁ ସମର୍ଥ ହେଲେ ଆପଣାକୁ ଭାଗ୍ୟବାନ୍ ମନେ କରିବି ।"

ଏହି ବକ୍ତୃତାଟି ଇଂରାଜୀରେ ହୋଇଥିଲା । ତହିଁର ଯେଉଁ ଅଂଶ ପ୍ରଜାଙ୍କ ସମ୍ପର୍କରେ ଥିଲା ତାହା ଓଡ଼ିଆରେ ବୁଝାଇ ଦିଆଯାଇଥିଲା । ଢେଙ୍କାନାଳ କଟକ ଓ ଦମସ୍ପଲ୍ଲା ଛଡ଼ା ଅଧିକାଂଶ ଏବଂ ଓ ଦର୍ଶକ ଇଂରାଜୀ ଜାଣୁ ନ ଥିବା ପୁଣି କାହିଁକି ଏହି ଭାଷାରେ ସମ୍ଭାଷଣ କରିବା ଅପେକ୍ଷା ସୁଖକର ହେବ ଭାବି ସମସ୍ତ ବକ୍ତୃତାଟି ଓଡ଼ିଆରେ ହୋଇଥିଲେ ଭଲ ହୋଇଥାନ୍ତା । ରାଜା ସାହେବ ସୁରପ୍ରତାପ ଜଗନ୍ନାଥସ୍ୱରୂପ ସ୍ୱର୍ଗୀୟ ମହାରାଜା ଭଗୀରଥ ମହେନ୍ଦ୍ରଙ୍କର ଅନୁଗାମୀ ହେବାର ସ୍ପୃହା କରୁଅଛନ୍ତି ବଡ଼ ଆଶାପ୍ରଦ ଅଟେ । ସେ ସର୍ବଦା ଶାସ୍ତ୍ରାଳାପ ଓ ସତ୍ସଙ୍ଗରେ ରତ ଥିଲେ ଏବଂ ଦେଶୀୟ ସାହିତ୍ୟର ଆଲୋଚନା ଉପଯୋଗିତା ବିଷୟ ଭଲ ରାଜକାର୍ଯ୍ୟ ନିର୍ବାହ କରୁଥିଲେ । ସାର୍ବଭୌମ ଇଂରାଜୀ ମାତର ... ଅନେକ ବିଷୟରେ ସ୍ୱଭାବର ଘଟିବା ଉଚିତ ନୁହେ । ତଦ୍ଦ୍ୱାରା ପ୍ରଜାଙ୍କର କଷ୍ଟ ହୋଇଥିଲେ ଏଥିର ସଂଶୋଧନ ହେବାର ଆଶା ଦେଉଅଛୁ ।

# ସାପ୍ତାହିକସମ୍ବାଦ ।

## କଲିକତା ଗେଜେଟ ।

ସମ୍ବଲପୁରର ଅତିରିକ୍ତ ଅସିଷ୍ଟାଣ୍ଟ କମିଶନର ଶ୍ରୀ ମିଶ୍ର ... ହାକିମଙ୍କ କାର୍ଯ୍ୟ ଉପରେ ଗବର୍ଣ୍ଣମେଣ୍ଟ ଅଧୀନରେ ହେଲେ ।

ସମ୍ବଲପୁରର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଏଚ୍, ଏ, ବେଲ୍‌ସ ଚମ୍ପାରଣକୁ ବଦଳି ହେଲେ ।

ବାବୁ ଜଗନ୍ନାଥ ଭାନୁର୍ଜି ଏମ୍, ଏ, ବି, ଏଲ୍, ଗୋଟିଏ ନାସ୍ତେର ପଦରେ ଭ୍ରମଣର ମୁନସଫ ପଦରେ ନିଯୁକ୍ତ ହେଲେ ।

## ସ୍ଥାନୀୟ ସମ୍ବାଦ ।

ଗତ ମଙ୍ଗଳବାର ବଡ଼ଲାଟ ଅଭିଷେକ ଦୃଶ୍ୟ ବାବୁ ମୁରାରୀ ... ଅଭିନୟ କରିଅଛନ୍ତି ।

ରୋଲଫାର୍ମ ସବାଳେ ... ଓ ... ମଳକଳି ... ଶୁକ୍ରବାରଠାରୁ ଉଦ୍‌ଘାଟନ କର ହେବ ।

ଏ ସପ୍ତାହରେ ଅବାର ... ଶୀତ ... ବଲ । ସୁତ ... ଶୀତପଡ଼ି ... ।

ଏ ନଗରରେ ବସନ୍ତ ଏବଂ ଓଲାଉଠା ସାମାନ୍ୟ ଅଛି ।

ଆସନ୍ତା ମଙ୍ଗଳବାର ମୁସଲମାନଙ୍କର ମହରମ ପର୍ବ ... ଏବଂ ... ଲାଗିଥିବ । ଗତ ... ।

ସାଧାରଣ ... ୧୮ ... ୧୦ ... ଓ ... ।

କୁଜଙ୍ଗ, ହାବଡ଼ା, ... , ... ଓ ... ।

Split by PDF Splitter



ଏହାରର ମହେନ୍ଦ୍ରପଟ୍ଟଣାର କୋଷଙ୍କ ଅଟଣର ଉପ- କାର ଜେଣ ମତ ଅଣି କାଲେବାର ବରୁଥିବା ଖପରୁ ଅବରେ ଉପର ହୋଇ ୧୬୩ ଟା ଗାମିନରେ ଘଟେ ।

ବାବୁ ବର୍ଣ୍ଣିମୁଖନ ସମୁଦ୍ରର ବେଳୁ ଜଣେ ଶ୍ଳେର ଭାଙ୍ଗର ବନିଥିବା ଭାବସ୍ତୁ ୫ ୧୦ ଜିଣ ଟେଷ୍ଟ ଷ ୭ ଣ ଗୋଷ୍ଠକରି ଜେଉଡ଼ିକାଟୁ ପୁଣଶ ଉବସ୍ତ ବଳୁଅଛନ୍ତି ।

ଉତ୍କଳସ୍ଥାର ଗୁଣିଅଛନ୍ତି ମହାବିର ବଳେଶ୍ୱର ସ୍ୱବସ୍ତୁ ଶ୍ରୁଲମନ ବେଳେ ମିପସଲିଟି ଅନେକ ଶୌଚ ଦାର ଭଲିଚ ହୋଇ ଅଛିବେ । ସେ ଲାକେ ଗହଣଲେ ପଥ ଋିଷ୍ଟରେ ବେ ଉଠଛଣ ଓଲ୍ଗରାରେ ମଲ ପଡ଼ିଥିବେ କେନ୍ଦୁ ଅପଣା ଲାମଦ୍ଧ ସେ ଲେଇ କେଉ ଖାଦ ନ ହାନ୍ତି ନ ?

[illegible]

ଉଚ୍ଚପଦଟଣା ସମ୍ବାଦ ।

[illegible]

ସାଧାରଣ ସମ୍ବାଦ ।

[illegible]

ଦେଶୀୟ ମେଡ଼ିକାଲ କଲେଜ (medical college) [illegible]

ଏକ ଣାର ଶୁଣେ ଅଛେ ।

ପଞ୍ଚପ୍ରେରକଙ୍କ ଗ୍ରନ୍ଥ ।

[illegible]

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳ ଦୀପିକାର ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

। ୫ । ଅତି ଅଲ୍ପଦିନ ଦେଖିବାର ମଣ୍ଡଳୀର ଗୋଟିଏ ବଡ଼ କାମ ଅଛି ଅତ୍ୟନ୍ତ ଦୌରାତ୍ମ୍ୟ କରୁଥିବା ଦୁଇଜଣ ମନୁଷ୍ୟଙ୍କୁ ଅଳ୍ପମଣ୍ଡ ଦେବା- କାରୁ ଏକଜଣ ମହଣଙ୍କ ଓ ଅନ୍ୟ ଏକଜଣ ଲୋକେ ଜଣେ ହୋଇଅଛନ୍ତି, ଅଳପୁ ସ୍ୱର ତାଙ୍କ ବେଳ ଦଣ୍ଡ ଅଭର ଘରା ଶ୍ରୀ ଡ଼ଜସ୍ଥଳର ନେକ ଦ୍ୱାର ରେ ଦାଂ ଦ୍ରୁଟିଙ୍କୁ ବଢ଼ୁଦୃଗ୍ଧ ମାଉ ଲୋକ- ଙ୍କ ବିଶେଷ ଉପକାର କରୁଅଛନ୍ତି ।

କଟକ } ଶ୍ରୀ ପଣ୍ଡାଙ୍କର
୨୮।୨।୦୭ } ଶ୍ରୀ ଘନଶ୍ୟାମଙ୍କ ବୋଷ

Digitized by srujanika@gmail.com

ମହାଶୟ !

ପୁରୁଷୋତ୍ତମରେ ଜଗନ୍ନାଥ ଦେବଙ୍କ ମନ୍ଦିର ପ୍ରଧାନ ଅଟେ । ନୀଚଜାତିର ଲୋକମାନଙ୍କ ମନ୍ଦିର ମଧ୍ୟକୁ ଯିବାର ନିଷେଧ ଅଛି କିନ୍ତୁ ବାଉରୀ ଓ ମେହେନ୍ତରମାନେ ସମୟେ ସମୟେ ତାହାର ବେଢ଼ାକୁ କାର୍ଯ୍ୟୋପଲକ୍ଷରେ ଯାଆନ୍ତି କିନ୍ତୁ ଏ ଦୁଇ ଜାତିର ଲୋକ ଛଡ଼ା ଅନ୍ୟ କୌଣସି ନୀଚଜାତିର ଲୋକ ଭିତ୍ତି ତାହାର ବେଢ଼ାକୁ ମଧ୍ୟ ଉଠାଯାଇ ପାରନ୍ତି ନାହିଁ ।

ଏହି ପୁରୀ ଟାଉନ ମଧ୍ୟସ୍ଥ ଚୂଡ଼ଙ୍ଗସାହିରେ କେତେକଙ୍କର ସେଥିଲ ଅର୍ଥାତ୍ ତମାର ( କେହିମାନେ ବ ଉଡ଼ ବାନ୍ତି ) ବାସ କରୁଅଛନ୍ତି । ସେମାନେ ଏଠାରେ ଦୋକାନ ଇତ୍ୟାଦି କରି ଜୀବିକା ନିର୍ବାହ କରନ୍ତି କିନ୍ତୁ ସେମାନଙ୍କର ବନ୍ଧୁବାନ୍ଧବମାନେ ମୋଫସଲରେ ବାସ କରନ୍ତି ଓ ହଳ ବାଡ଼ ଭାଙ୍ଗିବା ପେସା ମଧ୍ୟ ଅବଲମ୍ବନ କରନ୍ତି । ଏହି ସିଥଳମାନଙ୍କ ମଧ୍ୟରେ କେବଳ ବଣୋନ ପ୍ରଧାନ ଅଟେ । ଏମାନେ ମନ୍ଦିରକୁ ଦର୍ଶନକୁ ଯାଆନ୍ତି । ଏମନ୍ତ କି ଏମାନେ ଉତ୍ସହାଙ୍କ ପର୍ଯ୍ୟନ୍ତ ଯାଆନ୍ତି ଓ ହଳ ହିଥଳମାନଙ୍କର ମୋଫସଲରେ ଥିବା ବନ୍ଧୁବାନ୍ଧବମାନେ ସହରକୁ ଆସି ସହରରେ ବାସ କରୁଥିବା ହିଥଳମାନଙ୍କ ସଙ୍ଗେ ମନ୍ଦିରକୁ ଯାଇ ଦର୍ଶନ କରନ୍ତି ଏ ବଡ଼ ଅନ୍ୟାୟ । ଏ ବିଷୟରେ କେହି ଦୃକ୍ଷେପ କରୁ ନାହାନ୍ତି । ତମାର ଜାତି ଅତି ନିକୃଷ୍ଟ ଓ ସେମାନଙ୍କ ସ୍ପର୍ଶ କଲେ ହିନ୍ଦୁ, ମାନେ ଭ୍ରଷ୍ଟ ହେବେ । ଏପରି ସ୍ଥଳେ ସେମାନେ କିପରି ମନ୍ଦିରକୁ ଯାଉଅଛନ୍ତି ଏ ବିଷୟରେ ଉପଯୁକ୍ତ ଟ୍ୟାମ୍ପଲ୍ ମେନେଜର ବାବୁଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁଁ ।

ଆପଣଙ୍କର ବଶମ୍ବଦ
ଶ୍ରୀ ନୀଳମଣି ତ୍ରିପାଠୀ
ସାଂ । ବାଲିସାହି ପୁରୀ

---

ପୂଜ୍ୟ ସମ୍ପାଦକ ମହୋଦୟ !

ଜଳ ଉତ୍ତୋଳକ ଯନ୍ତ୍ରର ଦ୍ୱାରା ବା ସୁଶ୍ରେଣୀ ବୋଲାଉବାଦ୍ୱାରା ଜଳ ଯୋଗାଇବା ( Water Supply ) ଉତ୍ତମ ବ୍ୟବସ୍ଥାର ଅତ୍ୟନ୍ତ କର୍ତ୍ତବ୍ୟବସ୍ତୁ ମଧ୍ୟରେ ପ୍ରଧାନତମ, ସମୟରେ ଶୁଣାଯାଏ ଯେ ଗଭର୍ଣ୍ଣମେଣ୍ଟ କେତେକ ସ୍ଥାନରେ 'ଜଳକଷ୍ଟ' ବୋଲି ଘୋଷିତ ହୋଇ ଥାନ୍ତି । ଉକ୍ତ ଜଳକଷ୍ଟ ଏପରି ଅସମୟରେ ହୋଇଥାଏ ଯେ ତାହାର ଉଦ୍ଧାର ପନ୍ଥା ସୂତ୍ରଟି ଡିଷ୍ଟ୍ରିକ୍ଟ ବୋର୍ଡର କର୍ତ୍ତବ୍ୟ ନିଶ୍ଚିତ ହୋଇ ଯାଇଥାଏ । ବୋଲିବା ବାହୁଲ୍ୟ କେବଳ ଅଳ୍ପବୃଷ୍ଟି ହେଲୁ ଅନେକ ସ୍ଥାନରେ ଜଳକଷ୍ଟ ହୋଇଅଛି । ଏମନ୍ତ କି କୌଣସି କୂପ ଇତ ମଧ୍ୟରେ ଦୁଇ ବାର ଝୁଣ୍ଟିଲା ସହଲଥି ।

ବର୍ତ୍ତମାନ ବିଷୟ ଏହି ଯେ ଯୁବକଙ୍କ ଉଭ ଘର ନିକଟରେ ଗୋଟିଏ ପ୍ରାଚୀନ ଗାଡ଼ ଅଛି । ସହିଁରେ ବ ସରସ୍ୱାଦ ଜଳ ଖରଦିନେ ଥିବା ତା ୫୭ ତ ଥାଏ । ଏ ଜଳାଶୟ ପୂର୍ତ୍ତ ( P. W. Deptt. ) ରୋଡ଼ ଏବଂ ଫୁଲ ନଗର ମାଧବ ରୋଡ଼ର ସଂଯୋଗ ସ୍ଥଳ । ଏ ସ୍ଥାନ ଦେଓଗାଁ, ଅମ୍ବରଙ୍ଗ, ମହତପୁର, ଖାଇଲେ, ହାଟେ ଏବଂ ପୁରୀ ଜିଲ୍ଲାର ବୋଡ଼ ଦେଶ ପ୍ରଭୃତି ଅଞ୍ଚଳର ହଟର ଯାତ୍ରିମାନଙ୍କ ଯାତାୟାତ ପଥ; ଏହି ଜଳାଶୟଟି ବାଲୁକାମୟ ଭୂମି; ଉତ୍ତର ଓ ଦକ୍ଷିଣପାର୍ଶ୍ୱ ବାଲୁକା ରାଶି-ଦ୍ୱାରା ଜଳାଶୟଟି କ୍ରମାଗତ ପୋତି ହୋଇ-ଯାଉଅଛି । ଅତଏବ କର୍ତ୍ତୃପକ୍ଷମାନଙ୍କୁ ସବିନୟ ନିବେଦନ ପ୍ରୋକ୍ତ ଜଳର ସୁରକ୍ଷଣାର୍ଥେ ପର୍ବତ ଫଣ୍ଡ ( ଲଃ ଫଣ୍ଡ, ଜଗନ୍ନାଥ ରୋଡ଼ ଫଣ୍ଡ ବା ପ୍ରୋଭିନ୍ସିଅଲ ଫଣ୍ଡ )ରୁ ଅର୍ଥବ୍ୟୟ କରି ସର୍ବ ସାଧାରଣଙ୍କ କଷ୍ଟ ନିବାରଣ କରିବାକୁ ମନୋଯୋଗୀ ହୋଇ ଅସହାୟ ଗ୍ରାମବାସୀ ଓ ଶ୍ରାନ୍ତ ପଥିକମାନଙ୍କର କୃତଜ୍ଞତାଭାଜନ ହେଉନ୍ତୁ ।

କର୍ତ୍ତୃପକ୍ଷଙ୍କ ପରିଦର୍ଶକଙ୍କଦ୍ୱାରା ପ୍ରାର୍ଥିତ ବିଷୟ ତଦନ୍ତ ହେଲେ ବୁଝାଯିବ ଏଥିରେ ବହୁବ୍ୟୟ ହେବ ନାହିଁ କମ୍ବା ଯାହା ହେବ ତାହା ଅପବ୍ୟୟ ବୋଲି ବିବେଚିତ ହେବ ନାହିଁ । ଉକ୍ତ ପୁରୀ ରୋଡ଼ର ୫ମ, ୬ଷ୍ଠ ମାଇଲରେ ଯେ ପଥିକମାନେ ବହୁ ଅର୍ଥ ବ୍ୟୟରେ ଖୋଦିତ ହୋଇଥିଲା, ସମ୍ପ୍ରତି ସେମାନଙ୍କର ଜଳ ପ୍ରସ୍ତାବିତ ଜଳ ଦୂଷଣରେ ନିତାନ୍ତ ଅବ୍ୟବହାର୍ଯ୍ୟ ହୋଇଅଛି । ସୁତରାଂ ଉକ୍ତ ଖନନେ ପ୍ରାୟ ମା ୬୦ ଇଲ ମଧ୍ୟରେ ସ୍ନାନୀୟ, ପାନୀୟ ଜଳର ଅଭାବ । ଶୁଭସ୍ୟ ଶୀଘ୍ରଂ ।

କଟକ | ନିବେଦକ
ତା ୨୩।୨।୦୭ | ଶ୍ରୀ ବଞ୍ଚାନିଧି ବଡ଼ଭୂଷଣ

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଶ୍ରୀ ଚନ୍ଦ୍ରକାନ୍ତ ନନ୍ଦନ ପାଥପୁର ଦ୍ରୁମପଡ଼ା | ୫ ୩ |
| „ ଶ୍ରୀ ଜଗନ୍ନାଥବସୁ ବାଲେଶ୍ୱର | ୫ ୨ |
| „ ଶ୍ରୀ ଲକ୍ଷ୍ମୀ ନାରାୟଣ ଦାସ ମାହାଙ୍ଗା | ୫ ୩ |
| „ ଶ୍ରୀ ବନମାଳୀ ଦାସ | ୫ ୩ |
| „ ଶ୍ରୀ ମୁନିଷି ମୁଦ୍ରାଳୟର ବଙ୍ଗେଶ୍ୱର ଝରକ୍ଷେଇ | ୫ ୩ |
| „ ଶ୍ରୀ ନୀଳକଣ୍ଠଦାସ ଦେହାଳ | ୫ ୩ |
| „ ଶ୍ରୀ ବଦିନାଥ ସାହୁ ଲୋକନାଥ ପାଇଁ ଦଶାମୁଣ୍ଡା | ୫ ୧ |
| „ ଶ୍ରୀ ଜଗନ୍ନାଥ କୌଶଳ୍ୟା ମନ୍ଦିରା | ୫ ୨ |
| ଏମ୍ ଏମ୍ ମେରୀ ବନଦପ୍ତର | ୫ ୩ |
| ବାବୁ ଶ୍ରୀ ଭଗବାନ ଦାସ ମିଶ୍ର ମିଶ୍ରପାଟଣା | ୫ ୩ |
| „ ଶ୍ରୀ ଚନ୍ଦ୍ରମଣି ଦାସ ମଙ୍ଗଳପୁର ଭଦ୍ରଚଉଡ଼ା | ୫ ୩ |

---

## ବାଟନିଲାମ ।

ସନ ୧୯୦୭ ମସୀହା ମାର୍ଚ୍ଚ ମାସ ତା ୨୯ରିଖ ରେ ଘଣ୍ଟା ୪ ଟାରୁ ସାୟଂକାଳ ପର୍ଯ୍ୟନ୍ତ ମୋଟା ଗ୍ରାମ ଏତତ ସୂଚୀ ଖାଲୀଟାଡ଼ ବାଲ୍ଟୀ ନୀଲ-ଷ୍ଟେସନଠାରେ ନିଲାମ ହୋଇଥିବ । ଏହି ସୂଚୀ ଖାଲକାଠ ମେଳ ମଧ୍ୟରେ ଏହି ଷ୍ଟେସନରେ ସାତକମାନେ ଦେଖି ପାରିବେ ।

କଟକ ଖୋର୍ଦ୍ଧା | ହିଃ ଏଡ଼ି ମଣ୍ଡିଥ
ତା ୨୮।୨।୦୭ ମସୀହା | ପୁରୀ ଜଙ୍ଗଲଭାଗ ଡେପୁଟି ଇନ୍ସପେକ୍ଟର

---

Notice under Section 30 of the code of Civil rocedure.
In the Court of the Addl. Munsif at Puri.

ନ ୧୯୩ ମୂଳ ସବ୍‌ଜଜ ସନ ୧୯୦୭।

୧ ଫକୀର ପାଣି ପୁତ୍ର ଚୈତନ୍ୟ ପାଣି । ମୂ । ୨ ଦିବାକର ପାଣି ୩ ଅର୍ଜୁନ ପାଣି ପୁତ୍ରମାନେ ଗୋବିନ୍ଦ ପାଣି । ମୂ । ୪ ଭୂତନାଥ ପାଣି ପୁତ୍ର ଗଣେଶ ପାଣି । ମୂ । ୫ ସୁବଳ ଚରଣ ପାଣି ପୁତ୍ର ମାଧବ ପାଣି । ମୂ । ୬ ଅନନ୍ତ ପାଣି ୭ ଭରତ ଚରଣ ପାଣି, ପୁତ୍ରମାନେ ମଧୁ ପାଣି । ମୂ । ଜାତି ବ୍ରାହ୍ମଣ ବ୍ୟବସାୟ ଜମିଦାରୀ ଆଦି । ସା । ଦେଓପୁର ଶାସନ । ପ୍ର । ଲେମ୍ବାଇ ଥାନା ପିପିଲି ୮ ଗିରିଧାରୀ ଦାସ, ୯ ସୁବଳ ଚରଣ ଦାସ ୧୦ ବଳଭଦ୍ର ଦାସ ପୁତ୍ରମାନେ ଶ୍ୟାମ ଦାସ । ମୂ । ଜାତି ବ୍ରାହ୍ମଣ ବ୍ୟବସାୟ ଯାଜନ ଆଦି । ସା । ସତ୍ୟବାଦୀ ଗୋପାଳଙ୍କ ପାଟଣା । ପ୍ର । ଐ ... ବାଦୀମାନେ

ବନାମ

୧ ଅର୍ଜୁନ ପଧାନ ପୁତ୍ର ଜଗନ୍ନାଥ ପଧାନ । ମୂ । ୨ ଦାମ ପଧାନ ପୁତ୍ର ଶିବ ପଧାନ । ମୂ । ୩ କୃଷ୍ଣ ବରାଳ ପୁତ୍ର ଚୈତନ୍ୟ ବରାଳ । ମୂ । ୪ ଭଗବତ ବରାଳ ସାନୁପୁତ୍ର ଶ୍ୟାମ ବରାଳ । ମୂ । ଜାତି ଚଷା ବ୍ୟବସାୟ ଗୃହସ୍ଥ । ସା । ମୂଳଅଳସା । ପ୍ର । ଐ । ୫ କୌଶଲ୍ୟା ସାହୁ ପୁତ୍ର ଜଗେଇ ସାହୁ । ମୂ । ଜାତି ତେଲି ବ୍ୟବସାୟ ମହାଜନୀ ଆଦି । ସା । ମୂଳଅଳସା ପଡ଼ାମାନଙ୍କର । ପ୍ର । ଐ । ଓ ଅନ୍ୟାନ୍ୟ ସମସ୍ତ ମୂଳଅଳସା ଓ ପଡ଼ାମାନଙ୍କର ମୌଜା ବାସିନ୍ଦାମାନେ ୬ ଗୋପାଳଚନ୍ଦ୍ର ଦାସ ପୁତ୍ର ପଦ୍ମନାଭ ଦାସ । ମୂ । ଜାତି ବ୍ରାହ୍ମଣ ବ୍ୟବସାୟ ଠିକାଦାରୀ । ସା । ଜଗନ୍ନାଥପୁର ଶାସନ । ପ୍ର । ଐ । ହାଲ ମ୍ୟୁନିସିପାଲ ମାର୍କେଟ ପୁରୀ ... ପ୍ରତିବାଦୀମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପର ଲିଖିତ ବାଦୀମାନେ ନଂ ୨ ଶ୍ରୀ ଦକ୍ଷିଣାଂଶ ଅଷ୍ଟ ଅଦାଲତର ଦରଖାସ୍ତ । ପ୍ର । ସତ୍ୟବାଦୀ ଥାନା ଓ ସବରେଜିଷ୍ଟ୍ରି ପୁରୀ ସଦର ଅନ୍ତର୍ଗତ । ମୌ । ଜଗନ୍ନାଥପୁର ଶାସନ ସହିତ ମୂଳଅଳସାରେ ଥିବା ଖଣ୍ଡିତ ଜମିର ନାଗ ଜୋତ୍ର ଦଖଲ ହେତୁ ସ୍ଥାନ ମା ୦।୬ ରୁ ହାର ୧୦ ୨୮ ଡେସିମିଲ ଚନ୍ଦା ବାଦିଙ୍କର ପ୍ରଶ୍ନମୂଲ୍ୟ ନାମଧେୟ ପୁଷ୍କରିଣୀରେ ସେମାନଙ୍କର ନିଜ ସ୍ୱତ୍ୱ ଓ ଦଖଲ ବର୍ତ୍ତମାନ ଅଛି, ତାହାର ଉଭୟ ସତ୍ତ୍ୱ ଥିବା ସାବ୍ୟସ୍ତ ହୋଇଯିବା।

Split by PDF Splitter

Digitized by srujanika@gmail.com

ଓ ୧—୫ ନମ୍ବର ପ୍ରତିବାଦୀ ଓଗେର ଗ୍ରାମ-ବାସୀମାନେ ଏହାଙ୍କୁ ମାର ଦେଇଥିବା ମାଛର ମୂଲ୍ୟ ଶୋଧାର୍ଥ ଓ ସେ ମକଦ୍ଦମାର ସୂବ ସହିତ ୧—୫ ନମ୍ବର ପ୍ରତିବାଦୀ ଓଗେର ସମସ୍ତ ଗ୍ରାମବାସିମାନଙ୍କଠାରୁ ପାଇବା ପ୍ରାର୍ଥନାରେ ଅଦାଲତଙ୍କ ଅନୁମତି ନେଇ ମୂଳ ଅଲଖା ଓ ଉକ୍ତ ଗ୍ରାମରେ ମୌଜାର ସମସ୍ତ ବାସିନ୍ଦାମାନଙ୍କ ପକ୍ଷରୁ ନ ୧—୫ ନମ୍ବର ପ୍ରତିବାଦୀଙ୍କ ପକ୍ଷ ହୋଇ ଏ ଅଦାଲତରେ ମୋକଦ୍ଦମା ଦାଏର କରି-ଥିବାରୁ ଉକ୍ତ ମୋକଦ୍ଦମାର ଶୁଣା ଧାର୍ଯ୍ୟ ହେବା ନିମନ୍ତେ ଚଳନ୍ତ ମାର୍ଚ୍ଚ ମାସ ତା ୧୯ ରଖ ଧାର୍ଯ୍ୟ ହୋଇଅଛି ।

ମୋକଦ୍ଦମାର ତାଦାଦ

ହକାଦାପ ପୁଷ୍କରଣୀର ଅନୁମାନିକ ମୂଲ୍ୟ ୫ ୫୦ ୧
ନୁକସାନ ବାବଦ ୫ ୫୦ ୧

ଏକୁ ୫ ୧୦୦ ୧

ଉପରୋକ୍ତ ଜଳକର ନମ୍ବର । ଜମି ଓ ଚୌହଦୀ । ସୁ । ବଳ ଓ ଅଙ୍କ ।

| ଉ । ଶ୍ରୀଗୋପୀନାଥଙ୍କ ଓ । ଉ । | ଖାତା ନ ୧୧୭ ନମ୍ବର ମା ୦।୭ ଦାଗ ନ ୧୭୦ ନମ୍ବର ୦ ୦ ୨୮ ଡିସିମିଲ ପଞ୍ଚମୁଣ୍ଡା ପୋଖରୀ । | ପୂ । ଗୋପୀନାଥ ଜାତାଗଡ଼ । ଦ । ଶ୍ରୀ |
|---|---|---|

। ଦ । ବାଦୀମାନଙ୍କର ପଡ଼ିଆ ।

Dated Puri
1-3 1906

Moti Lal Ray,
Addl. Munsiff

ଖୋର୍ଦ୍ଧା ଖାସମହାଲ ଅନ୍ତର୍ଗତ ଓ ବାହାର ଜଙ୍ଗଲରେ ଥିବା କୋଚିଲାଫଳ ସଂଗ୍ରହ କରିବା ଅଧିକାର ଆସନ୍ତା ଅକ୍ଟୋବର ମାସ ତା ୨୦ ରଖରେ ଖୋର୍ଦ୍ଧା ନୂଆ ଫରେଷ୍ଟ ଅଫିସଠାରେ ନିଲାମ କରାଯିବ । ଫରେଷ୍ଟ ଡିଭି-ଜନ ଅଫିସର ସନ୍ତୋଷ ନମ୍ବା ହୋଇଣ ନିଲାମ ଡାକ ମଞ୍ଜୁର କରିବାକୁ ବାଧ୍ୟ ନୁହନ୍ତି ।

ଖୋର୍ଦ୍ଧା
୨୬।୧।୦୬
ମସିହା

ଡି, ଏନ ମଲ୍ଲିକ
ପୁରୀ ବନବିଭାଗୀୟ ଡିପୋଟୀ କନସରଭେଟର ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦଅଯାଉଅଛି ଯେ ଏ ବର୍ଷ ପୁରୀ ଜାଗ୍ରୀ ଥିବା ସମସ୍ତ ଅବକାରୀ ଦୋକାନ ଏବଂ ଗଞ୍ଜା, ହିଙ୍ଗ ପାଉଣ୍ଡ, ଘାଟ, ସୀମାନ୍ତ ଗଦା, ପଚାଣି, ତର୍ଣ୍ଣି-ଦାସୀ ଇତ୍ୟାଦି ଜିନିଷ ସନ ୧୯୦୬।୧୯୦୭ ମସିହା ନିମନ୍ତେ ଆସନ୍ତା ମାର୍ଚ୍ଚମାସ ତା ୧୪ ରଖ-ରେ ଅତ୍ର ଜଜ ଅଫିସରେ ନିଲାମ ହେବ । ଯେଉଁମାନେ ନିଲାମରେ ଡାକିବାକୁ ଇଚ୍ଛା-

କରନ୍ତି ସେମାନେ ନିରୂପିତ ତାରିଖ ସ ୧୦ ଘା ସମୟରେ ଉପସ୍ଥିତ ହୋଇ ଡାକ ଯାଇବେ ।

ତାଳଚେର
୧୭।୨।୦୬ } Rajah of Talcher.

ଅମ୍ଭ ଦୋକାନରେ ନିମ୍ନଲିଖିତ ଜିନିଷ ବିକ୍ରୟ ହେଉଅଛି ।

| | | |
|---|---|---|
| ଟେଣା ମଟରିଂସ ମ ୧ ୫ ୪୭୭ | ୫ ୧ ଖାନ୍ତୁ ସେ | |
| „ ସୁଅ ରଂଗ ମ ୧ ୫ ୫୦ | ୫ ୧ ଗାନ୍ତୁ ସେ | |
| ୫ ୧ ନମ୍ବର ଟିନ ରଂଗ ମ ୧ ରୁ ୫ ୪୧ | ୫ ୧ ଗାନ୍ତୁ ସେ | |
| ୫ ୧ ନମ୍ବର ମଇଦା | ୫ ୧ ଗାନ୍ତୁ ସେ ୩୮ | |
| ଏଜନ | ୫ ୮୭ ଗାନ୍ତୁ ମ ୧ | |
| ୫ ୨ ନମ୍ବର ମଇଦା | ୫ ୧ ଗାନ୍ତୁ ସେ ୪୩ | |
| ଏଜନ | ୫ ୮ „ ମ ୧ | |
| ୫ ୧ ନମ୍ବର ଅଟା | ୫ ୧ „ ସେ ୪୭ | |
| ଏଜନ | ୫ ୮୭ „ ମ ୧ | |
| ୫ ୨ ନମ୍ବର ଅଟା | ୫ ୧ „ ସେ ୪୩ | |
| ଏଜନ | ୫ ୭୩ „ ମ ୧ | |
| ଚିନି | ୫ ୧ „ ସେ ୪ | |
| ଏଜନ | ୫ ୭୩ „ ମ ୧ | |
| କଲିକତା ଖୋଟଣ ତେଲ | ୫ ୦ „ ସେ ୧ | |
| ଜାଜପୁର ଖୋଟଣ ତେଲ | ୫ ୨/୭ „ ସେ ୧ | |
| ଏଜନ | ୫ ୨୩ „ ମ ୧ | |
| କଦଳୀ ମିଶ୍ରି | ୫ ୦ „ ସେ ୧ | |
| ଏଜନ | ୫ ୧୩ „ ମ ୧ | |
| ମିଶ୍ରି ଚେଣି | ୫ ୦ „ ସେ ୧ | |
| କାଇଷ ତେଲ ରେଞ୍ଚ | ୫ ୦ „ ସେ ୧ | |
| ଏଜନ | ୫ ୧୭ „ ମ ୧ | |
| ସର୍ଷପ ଗୋଲତେଲ | ୫ ୦ „ ସେ ୧ | |
| ଏଜନ | ୫ ୨୨ „ ମ ୧ | |
| ୫ ୧ ନମ୍ବର ବିଶ୍ଚାସତେଲ | ୫ ୦ „ ସେ ୧ | |
| ଏଜନ | ୫ ୨୧ „ ମ ୧ | |
| ୫ ୨ ନମ୍ବର ବିଶ୍ଚାସତେଲ | ୫ ୦ „ ସେ ୧ | |
| ଏଜନ | ୫ ୧୧ „ ମ ୧ | |
| କଲିକତା ହାରମାର୍କା | ୫ ୧ „ ଟି ୧ | |
| „ ପଣମାର୍କା | ୫ ୧ „ ଟି ୧ | |
| ଘିଅ | ୫ ୦ । „ ସେ ୧ | |
| ଏଜନ | ୫ ୧ „ ମ ୧ | |
| ନାଗପୁର ଗୁଡ଼ | ୫ ୭ । „ ମ ୧ | |
| ଖୁଦ ଲେଖ | ୫ „ ମ ୧ | |
| ଗୁଜ ଲୁଣ | ୫ ୩ । „ ମ ୧ | |
| ଖଡ଼ିଚକ | ୫ ୦ । „ ସେ ୧ | |
| ଏଜନ | ୫ ୧୧୭ „ ମ ୧ | |
| ପିଆଜ | ୫ ୦ । „ ସେ ୧ | |
| ଏଜନ | ୫ ୧୨ „ ମ ୧ | |
| ଚଡ଼କ ଡାଲି | ୫ ୦ „ ସେ ୧ | |
| ଏଜନ | ୫ ୪୩ „ ମ ୧ | |
| ମୁଗ ଡାଲି | ୫ ୦ „ ସେ ୧ | |
| ଏଜନ | ୫ ୭ „ ମ ୧ | |
| ମସୁର ଡାଲି | ୫ ୦ „ ସେ ୧ | |
| ଏଜନ | ୫ ୭ । „ ମ ୧ | |
| ବିଡ଼ା | ୫ ୦ । „ ପା ୧ ଗଡ଼ | |

ଚୌଧୁରୀବଜାର କଟକ } ଶ୍ରୀ ଗୋବିନ୍ଦ ଦଳେଇ

The Indian Mutual Helping Fund Ld.
Parlakimedi Ganjam District
Registered under the Company's Act
VI of 1882

ଅମ୍ଭ ଦେଶରେ ଜ.ଶାସ୍ତ୍ରୀ.ର ବିବେଚନିକ ଫଣ୍ଡ ଗୁଡ଼ିକ ବହୁ ଅଙ୍କ ଧନରେ ଧ୍ୱଂସ ହୋଇଅଛନ୍ତି । ଅନେକମାନେ ପୂର୍ବ କୌଣସି ପାଣ୍ଠୀରେ ଦେଇ ବିବେଚନିକ ଫଣ୍ଡ ସ୍ୱୀକାର କରିବାକୁ ବାଧ୍ୟ ହେଉଛନ୍ତି । ଅତଏବ ଅମ୍ଭ ଦେଶର ପୂର୍ବର ଲୋକମାନେ ଏହି କମ୍ପାନୀ ସ୍ଥାପନ କରି ଅନ୍ୟାନ୍ୟ କମ୍ପାନୀ-ଠାରୁ କେତେକ ସ୍ୱଳ୍ପ ନିୟମରେ ନିର୍ବାହ କରୁଅଛନ୍ତି । କମ୍ପାନୀର ନିୟମ କେତେକ ଅଛି ଏହି ଉପରୋକ୍ତ ରେଜିଷ୍ଟ୍ରୀ କରିବାକୁ ଇଚ୍ଛା ଥିବା ସେମାନେ ନିୟମ ପତ୍ରରେ ( Memorandum of association ) ଉଲ୍ଲେଖ କରୁଅଛୁଁ । ବନ୍ଧୁମାନେ ଏହି

କମ୍ପାନୀର ସୁବିଧା ଦେଖି ତହିଁରେ ପାଉଣା ଗୁଡ଼ିକ ଭାଗମାନେ ସୂଚନାରେ ଜଣାଇ ଦେଉଅଛୁଁ ।

ପ୍ରଥମଶ୍ରେଣୀ ମାସିକ ଚାନ୍ଦା ୫ ୧ ୧
ଦ୍ୱିତୀୟଶ୍ରେଣୀ ମାସିକ ଚାନ୍ଦା ୫ ୦ ୩

(୧) ଅଗ୍ରିମ ଚାନ୍ଦା ଦେଲେ ଷଷ୍ଠମାସୀ ଚାନ୍ଦା ମଧ୍ୟ ଦିଆଯାଇ ପାରେ ।

(୨) ପରବର୍ତ୍ତୀ ଚାନ୍ଦା ଦାଖଲ କରିବାର ଏକ ମାସ ବାଦ ଦେବା ଅନୁମୋଦନୀୟ ନାହିଁ । ପ୍ରଥମରୁ ଚାନ୍ଦା ଦାଖଲ କରି ପ୍ରବେଶପତ୍ର ଗ୍ରହଣ କରି ନିୟମିତ ସଦସ୍ୟ ଶ୍ରେଣୀରେ ଯୋଗଦାନ କରିବା ନିମନ୍ତେ ସର୍ବସାଧାରଣଙ୍କ ନିକଟରେ ପ୍ରାର୍ଥନା କମ୍ପାନୀ ବିଷୟରେ ଅନ୍ୟାନ୍ୟ ବିଷୟ ଜାଣିବାକୁ ଇଚ୍ଛା କରନ୍ତି ସେମାନେ ଆଇନକାନୁନ ଦେଖିବା ପାଇଁ

କମ୍ପାନୀର ଠିକଣା—ପ୍ରେସିଡେଣ୍ଟ ଦି ଇଣ୍ଡିଆନ ମ୍ୟୁଚୁଆଲ ହେଲ୍ପିଙ୍ଗ ଫଣ୍ଡ ଲିମିଟେଡ

କାର୍ଯ୍ୟାଳୟ—ଗଞ୍ଜାମ ଜିଲ୍ଲା,ପାରଳାଖେମୁଣ୍ଡି
ଅପରା ପଦେଷ୍ଟା
ମ୍ୟାନେଜର ।

ଘରେ ବସି ବଜାର

କଟକ, ଅମ୍ଭମାନେ ସବୁପ୍ରକାର ପରଚର୍ଚ୍ଚିତ ଦ୍ରବ୍ୟ ଯଥା ଶୀଘ୍ରକଷ୍ଟ, ଔଷଧ, ସାବୁନ, ଅତର, ଔଷଧ, କାଗଜ, ଇତ୍ୟାଦି ଉଚିତ ଦରରେ ବିକ୍ରୟ କରୁଅଛୁଁ । ଦୂରରେ କେତେକ ଜଣେ ପ୍ରସ୍ତୁତ । ସ୍ୱଳ୍ପ ପ୍ରାର୍ଥନା । ଅଗ୍ରିମ ପଠାଇବା ଦରକାର ନାହିଁ । ଡାକ ଖର୍ଚ୍ଚ ପଠାଇବାର ନିୟମ । ଭି ପି ଦ୍ୱାରା ଦ୍ରବ୍ୟ ପଠାଇବାର ଅବନ୍ଧୁ ।

କଲମର ସଙ୍ଗେ ଅଙ୍କ ୫ ୧୨, ୧୨ ରୁ ୫ ୨୦ ମା ଖଲାସ ଲେଖନୀ ଲୋ ୧୦ । — ଛାପାଖାନା ଓ ଓ ଲ ଲୋ ୫ ୫—୫ ଡାଲେମୋଚିପୁର ଲାଗ ଲୋ ଟି ୫ ୨୫—୧୦୦ ସା ।। ଉଦ୍‌ଗେଷଣ ଲେ ୦ ୩ ୫ ୦ ଦରକାର [ ସକଳ ଦ୍ରବ୍ୟର ଦାମ ଯାହା ଲେଖିବାକୁ ଉଚିତ ] ଏଜେଣ୍ଟ ୫ ୦ । ଇଶାମାସ୍ତ୍ର, ମାସିକ ସଦସ୍ୟ । ଅତିଥି ଦ୍ରବ୍ୟ ଲେଖିବା ନିମନ୍ତେ ଓଷଧ ଲେଖି ମୂଲ୍ୟ ଜାଣନ୍ତୁ ।

ମେଲ ଅର୍ଡର କୋ: ନ ୧୯ ନମ୍ବର କଲମ୍ବ ଲୋ ଷ୍ଟୋର ଶ୍ୟାମବାଜାର, କଲିକତା

ସୁଧାକର ଚୂର୍ଣ୍ଣ ।

ଏହା ସେବନରେ ପେଟ ଭଲ୍ଲ ପଡ଼ିବା, ଚନ୍ଦ୍ରକଳ ଦୂର, ଅରୁଣ, ମୁହଁ ଭକ୍ଷି ନାଡ଼ୀର ଛଟ,ଅନ୍ତ ବ୍ୟାଧି— ପ୍ରଭୃତି ରୋଗମାନଙ୍କର ଶାନ୍ତି ଓ ଦେହ ସ୍ୱସ୍ଥ ଓ ସୁନ୍ଦରତାର ଗଠନ ଦିଅ, ଏହାର ନିୟମ ( ଖାଦ୍ୟ ପଥ୍ୟ ) ଏକ ଶୀଘ୍ର ଅନେକ ଦୂର ହେ ଉପକାର ଦେଖା ଯାଇଛି ଓ ଶରୀର ଦୋଷ ଯାଇଥାଏ । ଏହି ଚୂର୍ଣ୍ଣ ସେ ଉପକାରି ହେବାକୁ ହେବ ନାହିଁ । ଏହା ସହିତ ତିକ୍ତ ଶୁଣ୍ଠୀ ସ୍ୱଦେଶୀୟ ବାଳକ ବାଳିକା ପ୍ରସ୍ତୁତ ଏବଂ ରୋଗ ପ୍ରତିକାର ନିମନ୍ତେ କାଳି, ଏହାର ଅବର୍ଣ୍ଣ ଗୁଣରେ ଅନେକ ମୁକ୍ତ ହେବାକୁ ହେବ !!! ଭ ପି ମାସୁଲ ସହ ୫ ୦ । ଏକ ପାର୍ଶ୍ୱରେ ମଇ ୫ ୨ଟା

ବାମଦଲ୍ଲଭଙ୍କ ରମାୟନ

ଏହା ସେବନରେ ଚନ୍ଦ୍ରନ ଇନ୍ଦ୍ରିୟ ସତେଜ, ସୁନ୍ଦର ପେଟ ଭାଗ, ପ୍ରକୃତି ମାତ୍ରା ଓ ଧାରଣା ଶକ୍ତି ବଢ଼ି ବଳ ବୃଦ୍ଧି ସୂତନ ଏବଂ ସ୍ତ୍ରୀ ( ମେହ ) ଓ ଶରୀର ପୁଷ୍ଟ । ସାମ୍ପ୍ରତକାଳରେ ସେବନ କଲେ ଶରୀରକୁ ଦୃଢ଼ି ଓ ଦୋର୍ବଲ ଭାଗ ଦୂର ହୁଏ ଅଧିକ କରେ ବିଶେଷ ଉପଯୁକ୍ତ ଏକ ବଟିକାର ମୂଲ୍ୟ ଭ: ପି: ମାସୁଲ ସହିତ ୫ ୨ । ଏକରେ ୫ ଟା ଅଧିକ ନାହିଁ ।

ଶ୍ରୀ ଭବାନୀପ୍ରସାଦ ଭଟ୍ଟାଚାର୍ଯ୍ୟ
ଦୈବଜ୍ଞ, ବ୍ରହ୍ମଣୀ ବାଟୀୟ

Digitized by srujanika@gmail.com

Split by PDF Splitter




IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilions Fevers, and mild form of Plague, Surgeon, Major Jayakar says:—That it is a safe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR H. L. BATLIWALLA's, Worli—Dadar Bombay and everywhere.

At Re. 1 per bottle Discount to the Trade.

---

ରେଜେଷ୍ଟ୍ରୀ ଶଙ୍ଖମାର୍କା



ଡତ୍ ଅଷଲ ।

ଲାଲମୋହନ ସାହା ଶଂଙ୍ଖନିଧି

ପୃଥିବୀ ବ୍ୟାପିଛି

ସ୍ୱର୍ଣ୍ଣରୁ ଗଳିଯିବ ।

୧୮ ଘଣ୍ଟା ମଧ୍ୟରେ ସର୍ବ ପ୍ରକାର ଜ୍ୱର ୧ ସପ୍ତାହରେ ପ୍ଳୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୦ ଛୋଟ ମଧ୍ୟମ ଟ ୧ ୧ ଛୋଟ ଟ୦ , ଡାକମାସୁଲ ୧ଠାରୁ ୩ ଶିଶି ଟ ୦ ।

---

କଣ୍ଡୁଦାବାନଳ ।

ଲାଗୁ ଅବ ଯେତେ ପ୍ରକାର ହଉ ନା କାହିଁକି ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ।୵ ଡାକମାସୁଲ ୧ଠାରୁ ୩ ଶିଶି ଟ୦ ।

୩ ଘଣ୍ଟାରେ ଜାତୁଅବ ଡମରୋଗ ଦନା ଭଳ୍ଳରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ।୵ ଡାକମାସୁଲ ୧ଠାରୁ ୧୨ଶିଶି ଟ ୦ ।

ଏହା କେବଳ ହୋଇଅଛି ସମ୍ପ୍ରତାର ଲାଲମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଔଷଧ କିଣିବେ । ଏହା ସକଳ ନଗର ଏବଂ ଦୋକାନରେ ମିଳିବ ନ ପାଇଲେ ମୁଣ୍ଡକାର ଦନ ଲେଖିବି ଶୀଘ୍ର ସେ ବୈଦ୍ୟ ସ୍ପଷ୍ଟାକ୍ଷରରେ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱଲରେ ପଠାଯିବ । ଏହି ସକଳ ଔଷଧରେ ଅନେକ କି ହେଲେ ମୂଲ୍ୟ ଫେରତ ଦେବୁଁ ।

ଶ୍ରୀ ଗୌର ନିତାଇସାହା

ଠିକଣା ଲାଲମୋହନ ସାହା ଶଙ୍ଖନିଧି ଏଣ୍ଡ କୋଂ ଢାକା ବାବୁର ବଜାର ।

କଟକ ବାଲୁବଜାର ଶ୍ରୀଯୁକ୍ତ ଶାରଦାପ୍ରସାଦ ବନାର୍ଜୀ ଏକ ସୁପ୍ତ ଏଜେଣ୍ଟ

Gour Nitai Shaha

Lal Mohan Shaha Sankanidhi & co

Baburbazar, Dacca.

---

ରଣପୁର ରାଜ୍ୟନ୍ତୀ ପ୍ରସ୍ତୁତ ଶ୍ରୀ ଲକ୍ଷ୍ମୀଦେବ ମହାପାତ୍ରଙ୍କର ଝାଡ଼ଖଣ୍ଡର ଶୁଦ୍ଧ ଏକମାତ୍ର

ଅବ୍ୟର୍ଥ ମହୌଷଧ ।

ବହୁକାଳ ଓ ବହୁ ସ୍ଥଳରେ ଜାଡ଼ଜ୍ୱରର ଏକମାତ୍ର ମହୌଷଧ ଏ ଯୋଗ ବଟିକା ଅନୁଷ୍ଠାନ କରିଅଛି । ଏ ଔଷଧ ସେବନର ଏକ ସପ୍ତାହ ପରେ ଆଉ ଜାଡ଼ଜ୍ୱର ହେବ ନାହିଁ । ଏକାଧିକଥର ଜମାଏ ଔଷଧ ସେବନ କରି ଏକାଧିକଙ୍କେ ସେଥିରୁ ମୁକ୍ତି ଲଭିବାକୁ ହେବ । ଅନେକ ଜାଡ଼ଜ୍ୱରରୋଗୀ ଏହି ଔଷଧ ସେବନ କରି ଆଶାତୀତ ଫଳଲାଭ କରିଅଛନ୍ତି । ତାହାର ପ୍ରମାଣ ସ୍ୱରୂପ ତଳଲିଖିତ କତିପୟ ବ୍ୟକ୍ତିମାନଙ୍କର ପ୍ରଶଂସାପତ୍ର ସାଧାରଣଙ୍କ ଜାଣିବାପାଇଁ ଏଠାରେ ପ୍ରକାଶିତ ହେଲା ଔଷଧ ସେବନର ନିୟମାବଳୀ ଔଷଧ ସଙ୍ଗରେ ପ୍ରେରିତ ।

ଔଷଧର ମୂଲ୍ୟ

୧ ଡବା ରେ ୩୦ ଟି ବଟିକାର ମୂଲ୍ୟ ଟ ୨ ( ଛା ଡାଃ ମାଃ ଟ ୦ ।୵

ଦୁଇ ବାର ମୂଲ୍ୟ ଟ ୧୦ ( ଛା

ପ୍ରାପ୍ତିସ୍ଥାନ—ଝାଡ଼ଖଣ୍ଡ ଶ୍ରୀ ଲକ୍ଷ୍ମୀଦେବ ମହାପାତ୍ର

ଆୟୁର୍ବେଦ ଭଣ୍ଡାରର ।

ପିଉରିବଜାର, କଟକ ।

ପ୍ରଶଂସାପତ୍ର ଲଥାଇବେ

ମୋର ଜାଡ଼ଜ୍ୱର ହୋଇଥିଲା ଏମନ୍ତ କି ଦିନରେ ପ୍ରାୟ ତୁଳନାସ ପର୍ଯ୍ୟନ୍ତ ଭୋଗିବାକୁ ହୋଇଥିଲା । ବଦଳ ଲକ୍ଷ୍ମୀଦେବ ମହାପାତ୍ରଙ୍କ ମୋତେ ଶିମ୍ବାଦ ବଟିକା ଦେଲେ ତାହା ମୁଁ ଦୁଇମାସରୁ ଅଧିକକାଳ ସେବନ କରିଥିଲି ତାହାରୁ ବିଶେଷ ଉପକାର ପାଇଅଛି । ମୋହର ଜାଡ଼ଜ୍ୱର ଆଉ ହୋଇ ନାହିଁ । ଡାକ୍ତର ଦ୍ୱାରା ପରୀକ୍ଷା କରି ମଧ୍ୟ ଜାଡ଼ଜ୍ୱରର ଲକ୍ଷଣ ନା ଦେଖି ପାଇଲେ ନାହିଁ । ଏହି ଔଷଧରେ ଉପକାର ହୋଇଥିବାରୁ ମୋର ଧନ୍ୟବାଦ ଜଣାଏ

୧୧।୧୧।୦୫ } Sd. Sudam Chunder Naik Asst. Supdt. of Tributary Mahals

ରଣପୁରନିବାସୀ ପ୍ରସିଦ୍ଧ କବିରାଜ ଶ୍ରୀ ଲକ୍ଷ୍ମୀଦେବ ମହାପାତ୍ରଙ୍କର ଶିମ୍ବାଦ ବଟିକା ସେବନଦ୍ୱାରା ଅନେକ ରୋଗୀଙ୍କ ଆଶ୍ଚର୍ଯ୍ୟ ବିଶେଷ ଫଳଲାଭ କରିଅଛନ୍ତି । ଅତଏବ ଏହା ସାଧାରଣଙ୍କ ଜାଡ଼ଜ୍ୱରର ଏକ ଉତ୍ତମ ଔଷଧ ହୋଇ ମନ୍ତ୍ରଣ କରୁଅଛନ୍ତି ।

କଟକ } ଶ୍ରୀ ଅଭୟପ୍ରସାଦ ରାୟ
୧।୧୧।୦୫ } ଡେପୁଟି କଲେକ୍ଟର

ଆମ୍ଭଙ୍କୁ ଜାଡ଼ଜ୍ୱର ହୋଇ ଏକମାସ ମଧ୍ୟରେ ଦୁର୍ବଳ ପର୍ଯ୍ୟନ୍ତ ଆକ୍ରାନ୍ତ କରିଥିଲା । ଶ୍ରୀଯୁକ୍ତ ଲକ୍ଷ୍ମୀଦେବ ମହାପାତ୍ରଙ୍କର ଶିମ୍ବାଦ ବଟିକା ବ୍ୟବହାର କରିବାଠାରୁ ଆଉ ଜ୍ୱର ହୋଇ ନାହିଁ । ଜାଡ଼ଜ୍ୱରର ଔଷଧ ନ ଥିବାର ସାଧାରଣର ବଡ଼ ଅସୁବିଧା ଥିଲା । ମହାପାତ୍ର ମହାଶୟ ଏହି ଔଷଧ ଆବିଷ୍କାର କରି ଜନସାଧାରଣଙ୍କର ବିଶେଷ ଉପକାର କରିଛନ୍ତି ଏବଂ ରୋଗାକ୍ରାନ୍ତ ଲୋକମାନଙ୍କର ଏହି ବଟିକା ବ୍ୟବହାର କରି ଉକ୍ତିର ସୁଫଳ ହେଉଅଛି ତାହା ଦେଖି କହିବାକୁ ଆମ୍ଭେ ପ୍ରାର୍ଥନା କରୁଅଛୁ ।

ତା ୧୭ ଶେ ନଭେମ୍ବର } ଶ୍ରୀ ନୀଳାମ୍ବର ରାୟ
ସନ ୧୯୦୫ ମସିହା } ଓକିଲ

ଝାଡ଼ଖଣ୍ଡ ଲକ୍ଷ୍ମୀଦେବ ମହାପାତ୍ରଙ୍କ ୧ ସପ୍ତାହ ବଟିକା ମୁଁ ମୋହର ପରିବାରବର୍ଗ ବ୍ୟବହାର କରି ଆଶାତୀତ ଫଳ ଲାଭ କରିଅଛୁଁ । ଏ ଔଷଧ ସେବନ କଲେ ଜାଡ଼ଜ୍ୱର ଆଉ ହେବ ନାହିଁ ମୋହର ବିଶ୍ୱାସ । ଜ୍ୱର ଦେଖାଗଲା ବ୍ୟକ୍ତି ମାତ୍ରେ ଆସନ୍ତେକରେ ଔଷଧ ବ୍ୟବହାର କରିବାକୁ ମ ଜାଣିଲେ ଅନୁରୋଧ କରୁଅଛି ।

Sd. Gourshyam Mahanti

17-11-05 } Govt. Agent of Nayagarh



# ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | |
|---|---|
| ଖେଳହରଣ | ଟ ୧ ୧ |
| ଉପକ୍ରମଣିକା ( ଫକୀରମୋହନ ସେନାପତି କୃତ ) | ଟ ୦ ୫ |
| ଅଲଙ୍କାରବୋଧ | ଟ ୦ / |
| ଭଲଙ୍କା ଗମାଘ୍ର | ଟ ୧ |
| ଉଦାହରଣ ଶ୍ଳୋକ ( ଅର୍ଥ ସହିତ) | ଟ ୦ ୶୬ |
| କୃଷ୍ଣ ଲୀଳା | ଟ ୦ ୷ |
| କୈଶୋରଅମାବାସ୍ୟା କୁଞ୍ଜଦର୍ଶନ | ଟ ୦ ।୶ |
| ଉତ୍କଳ ଗାଥା | ଟ ୦ /୭ |
| ଶୂନ୍ୟସ୍ତବ | ଟ ୦ ୶୬ |
| ଲୁଳାଲହରୀ | ଟ ୦ ୶ |
| ଗଜେଣ୍ଡ ଉଦ୍ଧାର | ଟ ୦ । |
| ବୃତ୍ତକଳ୍ପ | ଟ ୦ ୷ |
| ଭକ୍ତଚୋରୁ ଓ ଅସ୍ତାଦ ଦୁର୍ଗା | ଟ ୦ ୶ |
| ଗୋପାଳପୂଜାପ୍ରବନ୍ଧ | ଟ ୦ ୷ |
| ଶୁଦ୍ଧବିଳାସ | ଟ ୦ ।୶ |
| ନବ୍ୟାଶୀ (ଓଡ଼ିଆ, ବଙ୍ଗଳା ଓ ଦେବନାଗର) | ଟ ୦। |
| ରାମଚନ୍ଦ୍ରମଣୀ | ଟ ୦ ୶ |
| ମହାଭାରତ ଶଲ୍ୟପର୍ବ ନୂତନ ସଂସ୍କରଣ | ଟ ୦ ୶ |
| „ ଗଦାପର୍ବ „ „ | ଟ ୦ ୷ |

---

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ବଙ୍ଗଳା "ସତ୍ୟାର୍ଥ ପ୍ରକାଶ" ନାମକ ପ୍ରକାଣ୍ଡ ଗ୍ରନ୍ଥ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ବିଶେଷ ଜ୍ଞାନ ଲାଭ ହେବ । ପ୍ରତି ଖଣ୍ଡର ମୂଲ୍ୟ ଟ ୬ ଓ ମଫସଲକୁ ଡାକ ମାସୁଲ ଟ ୦ । ଲାଗିବ

ଶ୍ରୀ ରାମଚନ୍ଦ୍ର ଦାସ କଟକ ।

---

# ଜଗମୋହନ ।

( ଅର୍ଥ ସହିତ )

ଭକ୍ତ ଚରିତ ସଉକୁଣ୍ଡ ଦାସଙ୍କ ରଚିତ । ଏହି ପୁସ୍ତକରେ ଶ୍ରୀ ଜଗନ୍ନାଥ ଦେବଙ୍କର ଦ୍ୱାଦଶ ଯାତ୍ରାର ବର୍ଣ୍ଣ ବିଧାନ ପ୍ରାଞ୍ଜଳଭାଷାରେ ଓ ଟୀକା ଛନ୍ଦରେ ଲିଖିତ ହୋଇଅଛି । ଏହାର ଛପା ସରଳ ଓ ମଧୁର ଅଟେ, ମୂଲ୍ୟ ପ୍ରତିଖଣ୍ଡ ଟ ୦ କଟକପ୍ରିଣ୍ଟିଂକମ୍ପାନୀରେ ବିକ୍ରୟ ହେଉଅଛି ।


Digitized by srujanika@gmail.com

## ନଗେନ୍ଦ୍ରନାଥ ସେନଙ୍କ ଔଷଧ

ବିଜ୍ଞାପନ ।

ଅସ୍ମାକଙ୍କର ନଗଦୁତ୍ପାଦିତ

### କେଶରଞ୍ଜନ ତୈଳ ବ୍ୟବହାର କର ।

କେଶରଞ୍ଜନ କେଶ ପକ୍ଷରେ ଜଳଜାତର ଓ ସୁଗନ୍ଧିତ ଔଷଧ । ଏହା କେଶ ପଡ଼ିବାକୁ ଦିଏ ନାହିଁ । ପ୍ରତ୍ୟେକ ପରିମାଣରେ ବୃଦ୍ଧି କରେ, ଚକ୍ଷୁ ଓ କୋମଳ ରଖେ । କେଶକୁ ଘନ ଓ ଚିକ୍କଣ କରି ଅତ୍ୟନ୍ତ ସୁନ୍ଦର କରେ । ଏହା ମସ୍ତିଷ୍କ ଶୀତଳ ରଖେ ଏବଂ ଅନିଦ୍ରା, ମାନସିକ ଅବସାଦ, ବୁଦ୍ଧିଶକ୍ତିର ହ୍ରାସ, ମସ୍ତକଘୂର୍ଣ୍ଣନ ପ୍ରଭୃତି ରୋଗ ଅବରୋଧ କରେ । ମୂଲ୍ୟ ପ୍ରତି ଶିଶି ୧ ଟଙ୍କା ।

ମାସୁଲ ୦।୵

### ଲୋମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣର ବାହ୍ୟ ବ୍ୟବହାରରେ ଅନାବଶ୍ୟକୀୟ ଲୋମ ଅଳ୍ପକ୍ଷଣରେ ଉଠିଯାଏ । ଏହାର ବ୍ୟବହାରରେ ଚର୍ମର କୌଣସି କ୍ଷତି ହୁଏ ନାହିଁ । ମୂଲ୍ୟ ପ୍ରତି ଶିଶି ୧୵ ମାସୁଲ ୧୦ ।

### ନେତ୍ରବିନ୍ଦୁ ।

ଅସ୍ମାକଙ୍କର ନେତ୍ରବିନ୍ଦୁ ବ୍ୟବହାର କଲେ ଅକ୍ଷିଅସ୍ୱଚ୍ଛତା, ମାନ୍ଦ୍ୟଦୃଷ୍ଟି, କ୍ଷତ, ଅକ୍ଷି ସ୍ୱଚ୍ଛତା ଘଟିଲେ ଦେଖିବା, ଦୃଷ୍ଟିଶକ୍ତିର ହ୍ରାସ, ଅକ୍ଷିର ଦାହ, ପାଣିବୁହା, ଅକ୍ଷିରୁ ଜଳ ଅଧିକ ପଡ଼ିବା, ଅକ୍ଷି ଫୁଲିବା, ଅକ୍ଷିରେ ବେଦନା ଏବଂ ଛାନି ରୋଗ ଅକ୍ଷିର ପରଦା ଆଦି ପଡ଼ିବା, ଅକାଳରେ ଦୃଷ୍ଟି କମିବା, ଅନ୍ଧକାରଜଣା, ଚକ୍ଷୁର ପାର୍ଶ୍ୱ ରୋଗ ଓ ନେତ୍ର ପୀଡ଼ା ଏବଂ ଦୃଷ୍ଟି ଅବବା ଚକ୍ଷୁ ସ୍ଥାୟୀ ସକଳ ପ୍ରକାର ରୋଗ ଅବରୋଧ ହୁଏ । ଏହାରେ କୌଣସି ପ୍ରକାର ମାଦକ ଅଥବା କ୍ଷତିକାରକ ପଦାର୍ଥ ନ ଥିବାର ସେବନରେ କଷ୍ଟ ହୋଇନାହିଁ । ଏହା ଚକ୍ଷୁରେ ସୁସ୍ଥ ରଖେ ଏବଂ ଚକ୍ଷୁରେ ଶକ୍ତି ଏବଂ ଜ୍ୟୋତି ପ୍ରଦାନ କରେ । ଯେଉଁ ଲୋକମାନଙ୍କର ଦୃଷ୍ଟିଶକ୍ତି ଅଳ୍ପ ଅଥବା ଦୁର୍ବଳ ହୋଇ ଯାଇଅଛି ସେମାନେ ଏହି ଔଷଧ ବ୍ୟବହାର କଲେ ଆଉ ଚଷମା ବ୍ୟବହାରର ପ୍ରୟୋଜନ ହେବ ନାହିଁ । ମୂଲ୍ୟ ପ୍ରତି ଶିଶି ୧୵ ମାସୁଲ ୧୦ ।

### ମଧୁମେହ ରୋଗର ଅବ୍ୟର୍ଥ

### ମହୌଷଧ ।

ଏହାଦ୍ୱାରା ସର୍ବପ୍ରକାର ମଧୁମେହ ରୋଗ ଆରୋଗ୍ୟ ହୁଏ । ଏହା ମଧୁମେହ (ପ୍ରସ୍ରାବ)ର ଧାତୁର ବିକାର ଦୂର କରେ, ମୂତ୍ରର ଅତ୍ୟଧିକ ପ୍ରବାହ ନିବାରଣ କରେ । ଏହି ରୋଗରେ ଶରୀର ଦୁର୍ବଳ ହୁଏ ଏବଂ ଅସ୍ୱାଭାବିକ ତୃଷ୍ଣା ଶୀଘ୍ର ନିବାରଣ କରେ, କ୍ଷୁଧା ସ୍ୱାଭାବିକ ହୁଏ, ମୂତ୍ରର ପରିମାଣ ଅଳ୍ପ ହୁଏ ଏବଂ ଅନ୍ୟ ହୁଏ । ମାଂସପେଶିର ହ୍ରାସ ନିବାରିତ ହୁଏ ଏବଂ ପରିଣାମରେ ରୋଗ ଆରୋଗ୍ୟ ହୁଏ ।

ଏ ଔଷଧ ବ୍ୟବହାର କଲେ ସାମାନ୍ୟ ଦୁର୍ବଳତା, ହାତ ଓ ଗୋଡ଼ର ଜଳ ଜ୍ୱାଳା, ମସ୍ତିଷ୍କ ଦୁର୍ବଳତା, ଅବସନ୍ନତା, ମନ ସବୁବେଳେ ଉଦ୍ବେଗ ରହିବାରୁ ଅଥବା ଚକ୍ଷୁ ସମ୍ମୁଖରେ ମଶା ଦେଖିବା ଅସ୍ୱାସ୍ଥ୍ୟ ହୁଏ, ଅନ ହାତରୁ ଛଟିବା, ଅଙ୍ଗ ପ୍ରତ୍ୟଙ୍ଗ ଶିଥିଳ ହେବା, ଘାଆ ଅଳ୍ପ ପଡ଼ିବା, ଇ । ମାନସିକ ଅବସନ୍ନତା ପ୍ରଭୃତି ସମସ୍ତ ରୋଗ ସମ୍ପୂର୍ଣ୍ଣରୂପେ ନିବାରଣ କରେ । ଏହି ଔଷଧ ଏକ ଶିଶିର ମୂଲ୍ୟ ୨ ଟଙ୍କା ମାସୁଲ ୦।୵

ପ୍ରାପ୍ତିସ୍ଥାନ ଗଭର୍ଣ୍ଣମେଣ୍ଟ ମେଡ଼ିକେଲ ଡିପ୍ଲୋମା

ପ୍ରାପ୍ତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ

୧୮।୧୯ ଲୋଅର ଚିତ୍ପୁର ରୋଡ଼ କଲିକତା

Kaviraj N. N. Sen

Govt. Medical Deploma Holder,

18-1 & 19 Lower Chitpur Road

Calcutta

**NOTIFICATION.**



A Globe Timepiece to be given free to every Purchaser of this watch. **Systeme Roskopf Lever** watch, can not be overwound, keyless, strong, medium size 30 hours timekeeper Gtd. for 4 years price Rs. 4-8, postage As. 8.

**S. SEN & Co.** 8-2, *Ram Krishna-Bagchi's Lane P. O. Beadon Sqr. Calcutta.*

## ବୈଦ୍ୟବନ୍ଧୁ

## ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବ୍ୟର୍ଥ ଔଷଧ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅଳ୍ପ ଦାମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରି ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ୍ୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଯୋଗ୍ୟ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଅବସ୍ଥାଦି ଲେଖି ଡାକ ଟିକଟରେ ଅଥବା ରିପ୍ଲାଇ କାର୍ଡରେ ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପତ୍ରର ସଙ୍ଗେ ଟିକଟ କିମ୍ବା ରିପ୍ଲାଇ କାର୍ଡ ନ ଥିଲେ ତାହାର ଉତ୍ତର ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଦୁଇପଇସିଆ ଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ରୋଗଙ୍କ ବା ଚିକିତ୍ସକଙ୍କ ନାମ ଗୋପନ ରଖିବା ପକ୍ଷରେ ତ୍ରୁଟି ହୁଏ ନାହିଁ । ଔଷଧ ଛଡ଼ା ସୁସ୍ୱାଦ ଓ ଅତ୍ୟାବଶ୍ୟକ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରି ହୁଏ ।

ଟଙ୍କାପଇସା ଓ ଚିଠି ପତ୍ର ମେନେଜରଙ୍କ ନାମରେ ପଠାଇବେ ।

| | |
|---|---|
| ବୈଦ୍ୟବନ୍ଧୁ ଔଷଧାଳୟ, ଚଉଧୁରୀବଜାର, କଟକ ୩।୧୨।୧୯୦୪ | ଶ୍ରୀ ବାଳକୃଷ୍ଣ ଦାସ କବିରାଜ, ଶ୍ରୀ ରାମକୃଷ୍ଣ ମିଶ୍ର ମାନେଜର |





ରବର ଓ ନକସାର ସବୁ ଜିନିଷ



ବିଲାତୀ, ଓ ଦେଶୀ କଲମ, ଷ୍ଟେସନ, ମହିତାର ମୁଦ୍ରା ଓ ପେନ୍ ଇତ୍ୟାଦି ଓ ରବର ଷ୍ଟାମ୍ପ, ବସା ଇତ୍ୟାଦି ଏଠାରେ ମିଳେ ।

୨୯ ରାଧାବଜାର କଲିକତା ଏମ, ଆର, ଡେ ଏଣ୍ଡ ବ୍ରାଦର୍ସ

M. R. Day & Bros. 29, RadhaBazar Calcutta


## ଅର୍ଣ୍ଣପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

### ଚଉଧୁରୀ ବଜାର କଟକ ।

### କବିରାଜ ଶ୍ରୀ ଛକଡ଼ିକର ଚଉଧୁରୀ ।

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସବୁ ପ୍ରକାର ଔଷଧ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ । ରୋଗୀ ରୋଗର ଅବସ୍ଥା ସବିଶେଷ ପତ୍ର ଲେଖିଲେ ସବୁ ପ୍ରକାର ଔଷଧ ଡାକ ଯୋଗରେ ପଠାଯାଏ ।

